୬ ଇଂଲଣ୍ଡ ସିରିଜ ପୂର୍ବରୁ ଭାରତକୁ ବୁମ୍ରା ଝଟ୍କା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୩୩୯ ● ୭ ଜାନୁଆରୀ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-339 ● 7th January 2025, Tuesday ● Bhubaneswar
Licensed to post without pre-payment of postage No- BN-60/25-27

# ଡରାଇଲା ଚାଇନା ଭାଇରସ : ୬ ଆକ୍ରାନ୍ତ ଚିହ୍ନଟ

**ନୂଆଦିଲ୍ଲୀ, ୬।୧**

ଚୀନରେ ବ୍ୟାପୁଥିବା ହ୍ୟୁମାନ ମେଟାପ୍ନ୍ୟୁମୋଭାଇରସ (ଏଚଏମପିଭି) ଭୂତାଣୁକୁ ନେଇ ଭାରତ ସରକାର ସତର୍କ ହୋଇପଡ଼ିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ସୋମବାର କହିଛନ୍ତି ଯେ ଏହା କୌଣସି ନୂଆ ଭୂତାଣୁ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ୨୦୦୧ ମସିହାରେ ଏହା ପ୍ରଥମେ ଚିହ୍ନଟ ହୋଇଥିଲା । ଆମେ ଏହି ପ୍ରସଙ୍ଗରେ ବୈଠକ କରି ଆଲୋଚନା କରିଛୁ। ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଚିନ୍ତା କରିବାର କିଛି ନାହିଁ ବୋଲି ସେ କହିଛନ୍ତି।

ଭାରତକୁ ପୁଣି ଡରାଇବା ଆରମ୍ଭ କରିଛି ଚାଇନାରେ ଆତଙ୍କ ଖେଳାଇଥିବା ଏଚଏମପିଭି ଭାଇରସ। କରୋନା ଭଳି ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରୁଥିବା ଏହି ଭାଇରସରେ ଭାରତରୁ ଏଯାଏଁ ୬ ଜଣ ଚିହ୍ନଟ ହୋଇସାରିଲେଣି । ବେଙ୍ଗାଲୁରୁରେ ୨ ଜଣ, ଚେନ୍ନାଇରୁ ୨ ଜଣ,



ଅହମ୍ମଦାବାଦ ଓ ପଶ୍ଚିମବଙ୍ଗରୁ ଜଣେ ଲେଖାଏଁ ନବଜାତକଙ୍କ ନମୁନାରୁ ଏହି ଭାଇରାସ ଠାବ ହୋଇଛି ।

ଦେଶର ବିଭିନ୍ନ ରାଜ୍ୟରୁ ଏପର୍ଯ୍ୟନ୍ତ ୬ଟି ଏଚଏମପିଭି ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିବା ପରେ ବିଭିନ୍ନ ରାଜ୍ୟ ପକ୍ଷରୁ ସ୍ୱାସ୍ଥ୍ୟଗତ ମାର୍ଗଦର୍ଶିକା ଜାରି କରାଯାଇଛି । କର୍ଣ୍ଣାଟକା ସରକାର ଭିଡ଼ ସ୍ଥାନରେ ମାସ୍କ ଲଗାଇବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟର ସମସ୍ତ ହସ୍ପିଟାଲକୁ ସବୁ ପ୍ରକାର ପରିସ୍ଥିତିର ସାମ୍ନା କରିବାକୁ କହିଛନ୍ତି । ନମୁନା ପରୀକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି।

ସେହିପରି କର୍ଣ୍ଣାଟକରେ ଥିବା ଦିଲ୍ଲୀ ପବ୍ଲିକ ସ୍କୁଲ ପକ୍ଷରୁ ସର୍ଭେଲାନ୍ସକୁ ଜୋରଦାର କରାଯାଇଛି। *(ପୃଷ୍ଠା ୭ରେ)*

## ଏଚଏମପିଭି ଭୂତାଣୁ ନେଇ ପରାମର୍ଶ ଜାରି କଲେ ଓଡ଼ିଶା ସରକାର

**ଭୁବନେଶ୍ୱର, ୬।୧**
**ନ୍ୟୁଜ୍ ବ୍ୟୁରୋ**

ଭାରତ ସରକାରଙ୍କ ଆଇଡିଏସପି-ଏନସିଡିସି ଦ୍ୱାରା ଏଚଏମପିଭି ଭୁତାଣୁ ନେଇ ଜାରି କରାଯାଇଥିବା ପ୍ରେସ ବାର୍ତ୍ତା ଜନସାଧାରଣଙ୍କ ଅବଗତି ଏବଂ ବ୍ୟାପକ ସଚେତନତା ନିମନ୍ତେ ଓଡିଶା ସରକାର ସୂଚନା ଜାରି କରିଛନ୍ତି।

ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହି ରୋଗର ଚିହ୍ନଟ ଓ ନିରାକରଣ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛି। ଏହି ରୋଗକୁ ନେଇ ଜନସାଧାରଣ ଭୟଭୀତ ବା ଆତଙ୍କିତ ହେବାର କୌଣସି କାରଣ ନାହିଁ । ସଚେତନ ରୁହନ୍ତୁ-ସୁରକ୍ଷିତ ରହିବାକୁ *(ପୃଷ୍ଠା ୭ରେ)*

# ସେନା ଗାଡ଼ି ଉଡାଇଦେଲେ ମାଓବାଦୀ: ୯ ଯବାନ ଶହୀଦ

**ରାୟପୁର/ମାଲକାନଗିରି, ୬।୧**
**ନ୍ୟୁଜ୍ ବ୍ୟୁରୋ**

କିଛି ଦିନର ନୀରବତା ପରେ ପୁଣି ମାଓବାଦୀମାନେ ସକ୍ରିୟ ହୋଇ ଉଠିଛନ୍ତି । ଛତିଶଗଡ଼ ବସ୍ତର ଡିଭିଜନ ବିଜାପୁର କୁଟ୍ରୁ-ସୀମାନ୍ତ ରାସ୍ତାରେ ମାଓବାଦୀମାନେ ସୋମବାର ଏକ ଆଇଇଡି ବିସ୍ଫୋରଣ ଖଞ୍ଜି ଯବାନଙ୍କ ଏକ ଗାଡ଼ିକୁ ଉଡ଼ାଇ ଦେଇଛନ୍ତି । ବିସ୍ଫୋରଣରେ ୯ଜଣ ଶହୀଦ ହୋଇଥିବା ଜଣାପଡିଛି । ୮ ଦାନ୍ତେୱାଡ଼ା ଡିଆରଜି ଯବାନଙ୍କ ସହିତ ଜଣେ ଗାଡ଼ି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ୫୦ ଫୁଟ ଉପରକୁ ଯବାନଙ୍କ ଗାଡ଼ି ଉଡି ଯାଇଥିଲା।

ମିଳିଥିବା ସୂଚନା ମୁତାବକ, ଛତିଶଗଡ଼ ବସ୍ତର ଡିଭିଜନ ଅଧୀନ ବିଜାପୁର ଜିଲ୍ଲାରେ



ସ୍ୱତନ୍ତ୍ର ମାଓବାଦୀ ଅପରେସନ ପାଇଁ ଏକ ଭ୍ୟାନ୍‌ରେ ଡିଆରଜି ଯବାନମାନେ ଯାଉଥିଲେ। ମାଓବାଦୀମାନେ ସଦର ମୁଖ୍ୟାଳୟରୁ ୮୦ କି.ମି ଦୂର କୁଟ୍ରୁ-ସୀମାନ୍ତ ରାସ୍ତା ମଧ୍ୟରେ ଥିବା ଏକ କଲଭର୍ଟ ନିକଟରେ ଆଇଇଡି ବିସ୍ଫୋରଣ ଖଞ୍ଜି ଯବାନଙ୍କ ଗାଡ଼ିକୁ ଉଡ଼ାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ୫ଜଣ ଯବାନ *(ପୃଷ୍ଠା ୭ରେ)*

# ରାୟଗଡା ରେଳ ଡିଭିଜନ ଭବନର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୬।୧**

ବହୁ ପ୍ରତୀକ୍ଷିତ ରାୟଗଡା ରେଳ ଡିଭିଜନ ଭବନର ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସୋମବାର ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ଏହି ରେଳ ଡିଭିଜନ ଭବନର ଶିଳାନ୍ୟାସ କରିଛନ୍ତି। ଏଥିସହ ନୂଆ ଜମ୍ମୁ ରେଲୱେ ଡିଭିଜନ ଓ ତେଲେଙ୍ଗାନାର ଚର୍ଲପାଲି ଟର୍ମିନାଲ ଷ୍ଟେସନ ଭଳି ଏକାଧିକ ରେଲୱେ ପ୍ରୋଜେକ୍ଟର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ।

ଏହି ଅବସରରେ ପ୍ରଧାମନମନ୍ତ୍ରୀ କହିଛନ୍ତି ଯେ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରି ରହିଛି ।



ଦୀର୍ଘ କିଲୋମିଟର ବ୍ୟାପୀ ସମୁଦ୍ର କୂଳ ବି ରହିଛି । ଓଡ଼ିଶାରେ ଅନ୍ତର୍ଜାତୀୟ ବାଣିଜ୍ୟର ପ୍ରବଳ ସମ୍ଭାବନା ରହିଛି । ଓଡ଼ିଶାରେ ଅନେକ ରେଳ ପ୍ରକଳ୍ପ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ଲାଗି ୩ଦିନ ସାରା ରାଜ୍ୟ ଉତ୍ସବ ମୁଖରିତ ହେବ

**ଭୁବନେଶ୍ୱର, ୬।୧**
**ନ୍ୟୁଜ୍ ବ୍ୟୁରୋ**

ପ୍ରବାସୀ ଭାରତୀୟ ଦିବସକୁ ସଫଳ କରିବାକୁ ବିଜେପି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏନେଇ ସୋମବାର ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି।

ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ଏବଂ ୧୬୦ଟି ଦେଶର ପ୍ରବାସୀ ଆମର ଏଠାକୁ ଆସିବା ଗୁରୁତ୍ୱପୂର୍ଣ୍ଣ । ଆତିଥେୟତାରେ କୌଣସି ଗୁଣରେ କମ କରାଯିବ ନାହିଁ । ସେମାନେ କିଭଳି ଭଲ ଅନୁଭୂତି ନେଇ ଫେରିବେ, ସେଥିନେଇ ସମସ୍ତେ ଚେଷ୍ଟା କରିବା ଉଚିତ। ଏହି କାମରେ ସରକାରଙ୍କ ସହ ସାଧାରଣ ଲୋକେ ସାମିଲ ହେବା ଦରକାର। ଆମ ରାଜ୍ୟରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି, ଆମେ ଆମର ଅତିଥିମାନଙ୍କୁ ବୁଲାଇବୁ । ୩ ଦିନ ସାରା ରାଜ୍ୟ *(ପୃଷ୍ଠା ୭ରେ)*







# ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ : ଏକକାଳୀନ ୧୦ ମେଗା ଉତ୍ସବ


**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜାରାଣୀରୁ ମୁକ୍ତେଶ୍ୱର । ନନ୍ଦନକାନନରୁ ଧଉଳି । ଖଣ୍ଡଗିରିରୁ କୋଣାର୍କ । ପୁରୀରୁ କଟକ । ପୁଣି ସ୍ୱର୍ଣ୍ଣ ତ୍ରିଭୁଜ ରତ୍ନଗିରି-ଉଦୟଗିରି-ଲଳିତଗିରି । ଯୁଆଡ଼େ ବୁଲିବେ ଖାଲି ଝୁମିବେ, ସ୍ଥାନୀୟ ସଂସ୍କୃତି ଓ ଖାଣ୍ଟି ଓଡ଼ିଆ ଖାଦ୍ୟପାନୀୟର ମଜା ନେବା ସହ ବିଭିନ୍ନ ମେଳାରେ ପ୍ରସିଦ୍ଧ ଓଡ଼ିଶା ହସ୍ତକଳାର କିଣାକିଣି କରିବେ । ସେଥିଲାଗି ପୂରା ପ୍ରସ୍ତୁତ ଓଡ଼ିଶା । ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ସହ ଓଡ଼ିଶା ଦେବ ଶ୍ରେଷ୍ଠ ଅତିଥି ପରାୟଣତାର ବାର୍ତ୍ତା । ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜନ ହେଉଛି ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ, ଯାହା ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହାକୁ ମହାଆଡମ୍ବରପୂର୍ଣ୍ଣ ଭାବେ ପାଳି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି ଓଡ଼ିଶା ସରକାର । ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନର ପ୍ରଚାର, ପ୍ରସାର ବିଶ୍ୱବ୍ୟାପୀ କରିବା ଲାଗି ଏକକାଳୀନ ୧୦ ମେଗା ଉତ୍ସବ ଆୟୋଜନ କରାଯାଉଛି ।



ଏହାକୁ ସଫଳ କରିବା ଲାଗି ଓଡ଼ିଶା ସରକାର ଦୈନିକ ଘନ ଘନ ବୈଠକ କରି ସମୀକ୍ଷା କରୁଛନ୍ତି । କାରଣ ଏଥିରେ ବିଦେଶୀ ଅତିଥିଙ୍କ ସହ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବେ । ଏହି ସମୟରେ ଅତିଥି ଓ ପ୍ରବାସୀଙ୍କ ମନ ଜିଣିବାକୁ ପୂର୍ବରୁ ନିୟମିତ ହୋଇଆସୁଥିବା ବିଭିନ୍ନ ସାଂସ୍କୃତିକ ଉତ୍ସବ, ମହୋତ୍ସବର ଧାର୍ଯ୍ୟ ତାରିଖରେ ପରିବର୍ତ୍ତନ କରାଯାଇ ଚଳିତବର୍ଷ ବଡ଼ ଆକାରରେ ଏକାଠି କରାଯିବ । ଡିସେମ୍ବର ୨୬ରୁ ୩୦ ପର୍ଯ୍ୟନ୍ତ ହେଉଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଏଥର ଜାନୁଆରୀ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ହେବ । ସେହି ସମୟ ମଧ୍ୟରେ ରାଜାରାଣୀ ମନ୍ଦିର ପ୍ରାଙ୍ଗଣରେ ରାଜାରାଣୀ ସଙ୍ଗୀତ ଉତ୍ସବ ଏବଂ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଅନୁଷ୍ଠିତ ହେବ । ପ୍ରତିବର୍ଷ ୩ଦିନ ଧରି ରାଜାରାଣୀ ଉତ୍ସବ ଜାନୁଆରୀ ୧୪ରୁ ୧୬ ଏବଂ ମୁକ୍ତେଶ୍ୱର ଉତ୍ସବ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ହେଉଥିଲା । ଏଥର ୫ଦିନ ବ୍ୟାପୀ ହେଉଛି ପୁଣି ଆଗୁଆ ଏବଂ ସମାନ ସମୟରେ । ସେହିପରି ୟୁନିଟ୍-୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ଠାରେ ୫ରୁ ୧୫ ତାରିଖ ଯାଏ ଆଦିବାସୀ ମେଳା ଏବଂ ନୃତ୍ୟ ଓ ଲୋକକଳା ଉତ୍ସବ ଅନୁଷ୍ଠିତ ହେବ । ଏହା ପ୍ରତିବର୍ଷ ଜାନୁଆରୀ ୨୬ ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇ ୧୫ଦିନ ଧରି ଚାଲିଥାଏ । ଏଥର ଆଗୁଆ ହୋଇଛି । ଏହାସହ ୬ରୁ ୧୨ ତାରିଖ ଯାଏ ମଙ୍ଗଳାଯୋଡ଼ି, ନଳବଣରେ ଚିଲିକା ବାର୍ଡ ଫେଷ୍ଟିଭାଲ୍, ୭ରୁ ୧୧ଯାଏ ରାଜଧାନୀରେ ପୁଷ୍ପ ପ୍ରଦର୍ଶନୀ, ୮ରୁ ୧୦ ତାରିଖ ଯାଏ ଫୁଡ୍ ଫେଷ୍ଟ୍ ଓ ନାଇଟ୍ ଫ୍ଲି ମାର୍କେଟ୍ ଚାଲିବ । ଏଥିସହ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରତି ଶୁକ୍ରବାର, ଶନିବାର ଓ ରବିବାର ପ୍ରାତଃ ଭ୍ରମଣ ବା ଓଡ଼ିଶା ୱାକ୍ ଆରମ୍ଭ ହୋଇଛି । ଏହାଦ୍ୱାରା ମନ୍ଦିରମାଳିନୀ ଏକାମ୍ର କ୍ଷେତ୍ରରେ ପର୍ଯ୍ୟଟକ ବୁଲି ବିଭିନ୍ନ ମନ୍ଦିର ଓ ଐତିହ୍ୟ କୀର୍ତ୍ତିରାଜି ସମ୍ପର୍କରେ ଜାଣିପାରିବେ । ସେହିପରି ରାଜ୍ୟର ବିଭିନ୍ନ ସହରରେ ୨୮ଟି ପର୍ଯ୍ୟଟନସ୍ଥଳୀକୁ ଅତିଥିଙ୍କୁ ନେବା ପାଇଁ ବ୍ୟବସ୍ଥା କରାଯାଇଛି । ଏସବୁ ସ୍ଥାନରେ ୧୦୦ ପ୍ରଶିକ୍ଷିତ ଗାଇଡ୍ ରହିବେ। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜିମ୍ ଆଣ୍ଡ୍ ଟ୍ରାଭେଲ୍ ମ୍ୟାନେଜ୍‌ମେଣ୍ଟ (ଆଇଆଇଟିଟିଏମ୍) ସହଯୋଗରେ ଏହି ଗାଇଡ୍‌ମାନଙ୍କୁ ତାଲିମ୍ ଦେବା ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ବ୍ୟବସ୍ଥା କରିଛି । ଏବେ ସେମାନଙ୍କ ପ୍ରଶିକ୍ଷଣ ଚାଲିଛି । ଏଥିସହ ୨୦୦ରୁ ଅଧିକ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ନିୟୋଜିତ କରାଯିବ । ଏମାନେ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ରହି ପର୍ଯ୍ୟଟକଙ୍କୁ ସାଂସ୍କୃତିକ ଓ ଐତିହାସିକ ତଥ୍ୟ ପ୍ରଦାନ କରିବେ । ଏହି ସମ୍ମିଳନୀକୁ ୭ ହଜାରରୁ ଅଧିକ ପ୍ରତିନିଧି ଆସିବେ । ସେଥିଲାଗି ଭୁବନେଶ୍ୱର, ପୁରୀ, କଟକ, କୋଣାର୍କ ଓ ଯାଜପୁରର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଏବେ ଆକର୍ଷଣୀୟ ବେଶରେ ସଜେଇ ହୋଇଛି । ବଡ଼ କଥା ହେଲା ୧୧ଦିନ ବ୍ୟାପୀ ୭୭ତମ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅନୁଷ୍ଠିତ ହେଉଛି । ତା'ର ମଜା ବି ପର୍ଯ୍ୟଟକ ଓ ଅତିଥିମାନେ ନେଇପାରିବେ ।

# ପରମାଣୁ ଅସ୍ତ୍ର ସୂଚନା ଆଦାନପ୍ରଦାନ କଲେ ଭାରତ-ପାକିସ୍ତାନ୍



**ନୂଆଦିଲ୍ଲୀ**

ଭାରତ ଏବଂ ପାକିସ୍ତାନ ନୂଆବର୍ଷର ପ୍ରଥମ ଦିନରେ ପରସ୍ପରର ପରମାଣୁ ପ୍ରତିଷ୍ଠାନ ବାବଦରେ ସୂଚନା ଆଦାନ ପ୍ରଦାନ କରିଛନ୍ତି । ପରମାଣୁ ପ୍ରତିଷ୍ଠାନ ଗୁଡ଼ିକରେ ପରମାଣୁ ଅସ୍ତ୍ର ରଖାଯାଇଥାଏ । ୧୯୯୧ରୁ ଏକ ଚୁକ୍ତିନାମା ଅନୁସାରେ ଦୁଇ ଦେଶ ମଧ୍ୟରେ ଏହି ପରମ୍ପରା ବଜାୟ ରହିଛି । ଭାରତ ଏବଂ ପାକିସ୍ତାନ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦରେ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଏହି ସୂଚନା ଦେଣନେଣ କରିଛନ୍ତି । ଏଥିସହ ଭାରତ ଏବଂ ପାକିସ୍ତାନ କଏଦୀ ଓ ମତ୍ସ୍ୟଜୀବୀଙ୍କ ବାବଦରେ ମଧ୍ୟ ସୂଚନା ପରସ୍ପରକୁ ପ୍ରଦାନ କରିଛନ୍ତି । ୧୯୮୮ ଡିସେମ୍ବର ୩୧ରେ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ହୋଇଥିଲା । ୧୯୯୧ ଜାନୁଆରୀ ୨୭ରେ ଏହା ଲାଗୁ ହୋଇଥିଲା । ଚୁକ୍ତି ଅନୁସାରେ, ପ୍ରତିବର୍ଷ ଜାନୁଆରୀ ୧ରେ ଦୁଇ ଦେଶ ନିଜ ନିଜର ପରମାଣୁ ପ୍ରତିଷ୍ଠାନ ବାବଦରେ ପରସ୍ପରକୁ ସୂଚନା ଦେବେ । ଚୁକ୍ତିର ଉଦ୍ଦେଶ୍ୟ ଥିଲା ଦୁଇ ଦେଶ ମଧ୍ୟରେ ପରମାଣୁ ଅସ୍ତ୍ରଶସ୍ତ୍ରର ସମ୍ଭାବ୍ୟ ବ୍ୟବହାରକୁ ଏଡ଼ାଇବା ଏବଂ ଆଞ୍ଚଳିକ ସ୍ଥିରତା ବଜାୟ ରଖିବା । ଉଭୟ ଦେଶ ମଧ୍ୟରେ ଏହା ୩୪ ତମ ତଥ୍ୟ ଆଦାନପ୍ରଦାନ ବୋଲି ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ପୁରୀ ବିମାନବନ୍ଦରକୁ ଶୀଘ୍ର ମଞ୍ଜୁରି: ଆରମ୍ଭ ହେବ ଜମି ଅଧିଗ୍ରହଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି ଓଡ଼ିଶାର ନୂଆ ଅନ୍ତର୍ଜାତୀୟ ବିମାନବନ୍ଦର ସ୍ୱପ୍ନ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ପୁରୀରେ ତିଆରି ହେବାକୁ ଥିବା ବିମାନବନ୍ଦରକୁ ଖୁବ୍‌ଶୀଘ୍ର ନୀତିଗତ ମଞ୍ଜୁରି ମିଳିବ । କେନ୍ଦ୍ର ସରକାର ଦେଶର ତିନିଟି ନୂଆ ବିମାନବନ୍ଦର କାର୍ଯ୍ୟ ଆଗକୁ ବଢ଼ାଇବା ଲାଗି ସବୁଜ ସଙ୍କେତ ଦେବା ଉପରେ ବିଚାର କରୁଛନ୍ତି । ସେଥିରେ ପୁରୀ ବିମାନବନ୍ଦର ନାମ ରହିଛି । ପ୍ରତିରକ୍ଷା ଓ ପରିବେଶ ମଞ୍ଜୁରି ମିଳୁନଥିବାରୁ ବିମାନବନ୍ଦର କାର୍ଯ୍ୟ ବିଳମ୍ବ ହୋଇଛି । ତେବେ ବର୍ତ୍ତମାନ ବେସାମରିକ ବିମାନ ଚଳାଚଳ, ଗୃହ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ଆଇଏମ୍‌ଡି ମଧ୍ୟରେ ବିଚାରବିମର୍ଶ ଜାରି ରହିଥିବାରୁ ପୁରୀ ବିମାନବନ୍ଦରକୁ କାମ ଆରମ୍ଭ କରିବା ଲାଗି ଶୀଘ୍ର ମଞ୍ଜୁରି ମିଳିବ ବୋଲି ଆଶା କରାଯାଉଛି ।

# ୨୪୦୦ ଟନ୍ ସୁନାର ମାଲିକାଣୀ ଭାରତୀୟ ମହିଳା

**ନୂଆଦିଲ୍ଲୀ,**

୨୪୦ ଲକ୍ଷ କେଜି, ଅର୍ଥାତ ୨୪ ହଜାର ଟନ୍ ସୁନା ରଖିଛନ୍ତି ଆମ ଦେଶର ମହିଳା । ବିଶ୍ୱରେ ଏବେ ସମୁଦାୟ ଯେତିକି ସୁନା ଅଛି ତା'ର ୧୧ ପ୍ରତିଶତର ମାଲିକ ହେଲେ ଭାରତୀୟ ମହିଳା । ୱାର୍ଲଡ ଗୋଲ୍‌ଡ କାଉନ୍‌ସିଲ୍(ଡବ୍ଲ୍ୟୁଜିସି) ର ରିପୋର୍ଟ ମୁତାବକ,ଏହାର ମୂଲ୍ୟ ବର୍ତ୍ତମାନ ଦରରେ ହେବ ପ୍ରାୟ ୧୭୩ ଲକ୍ଷ କୋଟି ଟଙ୍କା । ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ)ର ସୁନା ଭଣ୍ଡାର ତୁଳନାରେ ଏହା ୨୭ ଗୁଣା ଅଧିକ । ମହିଳାଙ୍କ ପାଖରେ ଥିବା ସୁନାରେ ଦେଶର ସବୁ ଖର୍ଚ୍ଚ ଚାରି ପାଞ୍ଚ ବର୍ଷ ଚଳିଯିବ । ଆମ ମହିଳାଙ୍କ ସୁନା ମୋହ ଏମିତି । ଭାରତରେ ସମ୍ପତ୍ତି ଏବଂ ସମୃଦ୍ଧିର ପ୍ରତୀକ ସୁନା । ସୁନା ପ୍ରତି ଭାରତୀୟ ମହିଳାଙ୍କ ମୋହ କେଉଁ କାଳରୁ ରହିଆସିଛି । ଛୋଟ ଉତ୍ସବଟିଏ ହେଉ ଅବା ବିବାହ କାର୍ଯ୍ୟକ୍ରମ, ସୁନା ବଖାଣିଥାଏ ଆଭିଜାତ୍ୟ । ଏହି ପରମ୍ପରା ଓ ଆଭିଜାତ୍ୟ ମଧ୍ୟରେ ଭାରତୀୟ ମହିଳାମାନେ ବନିଯାଇଛନ୍ତି ଶହ ଶହ ଲକ୍ଷ କୋଟିର ମାଲିକାଣୀ । ତଥାପି ଆମେ ଗରିବ। ଘରେ ସାଧାରଣ ଚଳିବା ଜିନିଷ ନ ଥିଲେ ବି ସୁନା ମିଳିଯିବ । ଏ ସୁନା କେବେ ବ୍ୟବହାରରେ ଲାଗେ ନାହିଁ । ଅଳଙ୍କାର ଭାବେ ବ୍ୟବହାର କରାଯାଏ କିମ୍ବା ସିନ୍ଦୁକରେ ରହେ । ଯଦି ଏହି ସୁନାକୁ ଟ୍ରକ୍‌ରେ ବୋହିକରି ନିଆଯାଏ ତା'ହେଲେ ଏଥିପାଇଁ ୨୪୦୦ ଟ୍ରକ୍ ଲୋଡ଼ା ପଡ଼ିବ । ରୋଚକ କଥା ହେଲା,



ଭାରତୀୟ ମହିଳାମାନଙ୍କ ପାଖରେ ଥିବା ମୋଟ ସୁନା ବିଶ୍ୱର ଶୀର୍ଷ ୫ ଦେଶର ମିଳିତ ସୁନା ଭଣ୍ଡାରଠାରୁ ଅଧିକ। ପ୍ରତିବର୍ଷ ଗୁଣାତ୍ମକ ହାରରେ ବଢୁଛି ମହିଳାଙ୍କ ସୁନା ଭଣ୍ଡାର । ରିପୋର୍ଟ କହୁଛି ୨୦୨୦-୨୧ରେ ଭାରତୀୟ ମହିଳାଙ୍କ ପାଖରେ ଥିଲା ୨୧ ହଜାର ଟନ୍ ସୁନା । ଗତ ୩ ବର୍ଷ ଭିତରେ ୩ ହଜାର ଟନ୍ ସୁନା କିଣିଛନ୍ତି । ଅର୍ଥାତ ବର୍ଷକୁ ହଜାରେ ଟନ୍ ସୁନା ଯୋଡୁଛନ୍ତି ନିଜ ଅଳଙ୍କାର ପେଡ଼ିରେ । ଆମେରିକା ପାଖରେ ୮,୦୦୦ ଟନ୍ ସୁନା ଥିବାବେଳେ ଜର୍ମାନୀ ପାଖରେ ୩,୩୦୦ ଟନ୍, ଇଟାଲୀ ପାଖରେ ୨,୪୫୦ ଟନ ଫ୍ରାନ୍ସ ପାଖରେ ୨୪୦୦ ଟନ୍ ଏବଂ ରୁଷ ପାଖରେ ୧୯୦୦ ଟନ୍ ସୁନା ଅଛି । ଏହାର ଅର୍ଥ ଏସବୁ ଦେଶର ସୁନା ଭଣ୍ଡାରଗୁଡ଼ିକୁ ଯଦି ମିଶାଇ ଦିଆଯାଏ ତେବେ ଭାରତୀୟ ମହିଳାମାନଙ୍କ ପାଖରେ ଥିବା ସୁନାଠାରୁ ଏହା କମ୍ ହେବ । ଘରେ ପଡ଼ି ରହିଥିବା ଏହି ସୁନାକୁ ଯଦି ଦେଶର ଆର୍ଥିକ ବ୍ୟବସ୍ଥାକୁ ଅଣାଯାଏ ତା'ହେଲେ ଅର୍ଥନୀତି କ୍ଷିପ୍ର ବେଗରେ ଦୌଡ଼ିବ । ଏହି ସୁନାକୁ ଘରୁ ଆର୍ଥିକ ବ୍ୟବସ୍ଥାକୁ ଆଣିବା ପାଇଁ ସରକାର ସଭରେନ୍ ଗୋଲ୍‌ଡ ବଣ୍ଡ୍ ସ୍କିମ୍ ଆଣିଛନ୍ତି । ଏ ସ୍କିମ୍‌କୁ ନେଇ ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଦରକାର ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଅକ୍ସଫୋର୍ଡ ଗୋଲ୍‌ଡ ଗ୍ରୁପ୍‌ର ଏକ ରିପୋର୍ଟ ଅନୁସାରେ, ଆମେରିକା, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍), ସୁଇଜରଲାଣ୍ଡ ଏବଂ ଜର୍ମାନୀର ମିଳିତ ଭଣ୍ଡାରଠାରୁ ବି ଭାରତୀୟ ମହିଳାଙ୍କ ସୁନା ପରିମାଣ ଅଧିକ । ସୁନାର ମାଲିକାନା କଥା ଯଦି ବିଚାରକୁ ନେବା ତା'ହେଲେ ଦକ୍ଷିଣ ଭାରତର ମହିଳାମାନେ ସବା ଆଗରେ ରହିଛନ୍ତି। ଦକ୍ଷିଣ ଭାରତରେ ଦେଶର ମୋଟ ସୁନାର ୪୦% ଅଂଶ ରହିଛି । ଏଥିରେ କେବଳ ତାମିଲନାଡୁର ଭାଗ ୨୮%। ଭାରତୀୟ ଆଇନ ଅନୁସାରେ, ଜଣେ ବିବାହିତା ମହିଳା ବିନା କୌଣସି ଟିକସ ପୈଠ କରି ପାଖରେ ୫୦୦ ଗ୍ରାମ ସୁନା ରଖିପାରିବେ । ଅବିବାହିତା ମହିଳା ୨୫୦ ଗ୍ରାମ ଏବଂ ପୁରୁଷ କେବଳ ୧୦୦ ଗ୍ରାମ ସୁନା ପାଖରେ ରଖିପାରିବେ । ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଗତ କିଛି ମାସ ହେବ ଲଗାତର ସୁନା କିଣୁଛି। ଆରବିଆଇର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରରେ ସୁନା ଅଂଶ ବଢ଼ି ୧୦.୨% ପର୍ଯ୍ୟନ୍ତ ପହଞ୍ଚିଯାଇଛି । କେନ୍ଦ୍ରୀୟ ବ୍ୟାଙ୍କର ନୂଆ ରିପୋର୍ଟ ଅନୁସାରେ, ନଭେମ୍ବର ଶେଷ ସୁଦ୍ଧା ଦେଶର ସୁନା ଭଣ୍ଡାର ବଢ଼ି ୮୭୬.୧୮ ଟନ୍ ହୋଇଛି । ଏହା ପୂର୍ବ ବର୍ଷ ତୁଳନାରେ ୯% ଅଧିକ । ୨୦୨୩ ଡିସେମ୍ବର ୧ରେ ଦେଶର ସୁନା ଭଣ୍ଡାରର ଆକାର ୮୦୩.୫୮ ଟନ୍ ଥିଲା । ବିଶେଷଜ୍ଞଙ୍କ ଅନୁସାରେ, ବର୍ଦ୍ଧିତ ଭୂ-ରାଜନୈତିକ ଅସ୍ଥିରତା ମଧ୍ୟରେ ଭାରତ ଭଳି ବିକାଶଶୀଳ ଦେଶ ନିଜର ସୁନା ଭଣ୍ଡାର ବଢ଼ାଇଚାଲିଛି । ବିତ୍ତୀୟ ସଂକଟ ବେଳେ ଦେଶର ଅର୍ଥବ୍ୟବସ୍ଥାକୁ ସମ୍ଭାଳିବା ପାଇଁ ସୁନା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଉଲ୍ଲେଖଯୋଗ୍ୟ, ବିଗତ କିଛି ବର୍ଷରେ ସୁନା ଦରରେ ବଡ଼ ଆକାରରେ ବୃଦ୍ଧି ଘଟିଛି । ତଗଡ଼ା ରିଟର୍ଣ୍ଣ ଦେଇଛି ହଳଦିଆ ଧାତୁ । ୧୦ ବର୍ଷ ତଳେ ଅର୍ଥାତ୍ ୨୦୧୪ରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ଥିଲା ୨୮,୦୦୦ ଟଙ୍କା । ବର୍ତ୍ତମାନ ଏହା ୭୮,୦୦୦ ଟଙ୍କାରେ ପହଞ୍ଚିଛି । ଅର୍ଥାତ୍ ୧୦ ବର୍ଷରେ ପ୍ରାୟ ୩ ଗୁଣା ମହଙ୍ଗା ହୋଇଛି ସୁନା ।

# ୬୦୨୫ ହାଇସ୍କୁଲ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି, ନିଯୁକ୍ତ ହେବେ ୪୯୬ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସ୍କୁଲ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏଣିକି ଓଡ଼ିଆ ଭାଷାକୁ ଦିଆଯିବ ଅଧିକ ଗୁରୁତ୍ୱ । ଏଥିପାଇଁ ହାଇସ୍କୁଲରେ ନିଯୁକ୍ତ ହେବେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ । ଜାରି ହୋଇଥିବା ବିଜ୍ଞପ୍ତିରେ ୧୯୮୪ଟି କଳା ଶିକ୍ଷକ ପଦବିରୁ କେବଳ ୨୫ ପ୍ରତିଶତ ପଦବି ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଁ ରଖାଯାଇଛି । ଅର୍ଥାତ୍ ରାଜ୍ୟରେ ୪୯୬ ଜଣ ଟିଜିଟି ଓଡ଼ିଆ ଶିକ୍ଷକ ନିଯୁକ୍ତ ହେବେ । ଏନେଇ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ପରେ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ବିଜ୍ଞପ୍ତି ପ୍ରକାଶ କରିଛି । ଓଏସ୍‌ଏସ୍‌ସି ଦ୍ୱାରା ଏହି ନିଯୁକ୍ତି ପ୍ରକ୍ରିୟା କରାଯିବ ।

ବିଜ୍ଞପ୍ତି ଅନୁଯାୟୀ ଟିଜିଟି ଓଡ଼ିଆ, କଳା, ସାଇନ୍ସ (ପିସିଏମ୍), ସାଇନ୍ସ (ସିବିଜେଡ୍), ହିନ୍ଦୀ, କ୍ଲାସିକାଲ ଶିକ୍ଷକ (ସଂସ୍କୃତ), ତେଲୁଗୁ, ଉର୍ଦ୍ଦୁ ଶିକ୍ଷକ ପଦବି ପାଇଁ ନିଯୁକ୍ତି ପ୍ରକ୍ରିୟା କରାଯିବ । ଏହି ଶିକ୍ଷକ ପଦବି ଗ୍ରୁପ-ବି ବର୍ଗର ହୋଇଥିବା ବେଳେ ଏମାନେ ଲେଭଲ-୯ ସହ ମାସିକ ୩୫ ହଜାର ୪୦୦ ଟଙ୍କା ବେତନ ପାଇବେ । ସେହିପରି ଶାରୀରିକ ଶିକ୍ଷା ଶିକ୍ଷକ ପଦ ପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହା



ଗ୍ରୁପ-ସି ବର୍ଗର ହୋଇଥିବା ବେଳେ ଲେଭଲ-୯ ଅନୁଯାୟୀ ୨୯ ହଜାର ୨୦୦ ଟଙ୍କା ଦରମା ପାଇବେ । ଟିଜିଟି କଳା ପାଇଁ ୧୪୮୮ ପଦବିରେ ନିଯୁକ୍ତି ଦିଆଯିବ । ଟିଜିଟି ଓଡ଼ିଆ ପାଇଁ ୪୯୬, ସାଇନ୍ସ (ପିସିଏମ୍)ରେ ୧୦୨୦, ସାଇନ୍ସ (ସିବିଜେଡ୍)ରେ ୮୮୦, ହିନ୍ଦୀ ୭୧୧, କ୍ଲାସିକାଲ(ସଂସ୍କୃତ)୭୨୯, ତେଲୁଗୁ ୬, ଉର୍ଦ୍ଦୁ ଶିକ୍ଷକ ପାଇଁ ୧୪ଟି ପଦବି ରହିଛି । ସେହିପରି ପିଇଟି ପାଇଁ ୬୮୧ ଜଣ ନିଯୁକ୍ତ ହେବେ । ମୋଟ ୬୦୨୫ଟି ଶିକ୍ଷକ ପଦବିରେ ନିଯୁକ୍ତି ହେବ । ତେବେ ଓଡ଼ିଆ ଶିକ୍ଷକ ପଦବି ପାଇଁ ଶିକ୍ଷାଗତ ଯୋଗ୍ୟତ ଓଡ଼ିଆରେ ଯୁକ୍ତ ୩ ଓ ସର୍ବନିମ୍ନ ୫୦ ପ୍ରତିଶତ ନମ୍ବର ରଖିଥିବେ ପ୍ରାର୍ଥୀ । ଏଥିସହ ଏନ୍‌ସିଟିଇ ଅନୁମୋଦିତ ବିଏଡ୍ କିମ୍ବା ଏମ୍‌ଏଡ୍ ଶିକ୍ଷାନୁଷ୍ଠାନରେ ୩ ବର୍ଷିଆ ଇଣ୍ଟିଗ୍ରେଡେଟ୍ ବିଏଡ୍ କିମ୍ବା ୨ ବର୍ଷିଆ ବିଏଡ୍ କରିଥିବା ଆବଶ୍ୟକ। ହିନ୍ଦୀ, ସଂସ୍କୃତ, ତେଲୁଗୁ, ଉର୍ଦ୍ଦୁରେ ବିଏଡ୍ କିମ୍ବା ସ୍ୱତନ୍ତ୍ର ବିଏଡ୍ କରିଥିଲେ ଓଡ଼ିଆ ଶିକ୍ଷକ ପଦବି ପାଇଁ ଆବେଦନ କରିପାରିବେ ନାହିଁ । ପ୍ରାର୍ଥୀ ଚୟନ ପାଇଁ ଲିଖିତ ପରୀକ୍ଷା ହେବ । ଏଥିରେ ୧୫୦ଟି ଏମ୍‌ସିକ୍ୟୁ ପ୍ରକାରର ପ୍ରଶ୍ନ ଆସିବ । ପ୍ରତ୍ୟେକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ହେବ। ଏଥିରେ ସ୍ନାତକ ସ୍ତରର ପ୍ରଶ୍ନ ଆସିବ। ଯେଉଁଥିରେ ଓଡ଼ିଆ, ଶିକ୍ଷାଦାନ ଓ ମୂଲ୍ୟାଙ୍କନରୁ ପ୍ରଶ୍ନ ଆସିବ । ପରୀକ୍ଷାର୍ଥୀମାନେ ଓଡ଼ିଆରେ ପରୀକ୍ଷା ଦେବେ ।

# ଏସ୍‌ସିବିରେ ଖୋଲିଲା ରୋଗୀ ସମ୍ପର୍କୀୟ ବିଶ୍ରାମ ସ୍ଥଳ

**କଟକ, ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ମେଡିକାଲରେ ରୋଗୀଙ୍କ ସମ୍ପର୍କୀୟମାନେ ଜାଗା ନପାଇ ରାତିରେ ଖୋଲା ଆକାଶ ତଳେ ଏଠିସେଠି ବସୁଥିଲେ । ଏହି ସମସ୍ୟା ଦୂର ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଏସ୍‌ସିବି କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରାଇଛନ୍ତି । ଆଶୁଚିକିତ୍ସା କେନ୍ଦ୍ର ସ୍ପାଇନାଲ୍ ଇଞ୍ଜୁରୀ ସେଣ୍ଟର ନିକଟକୁ ସ୍ଥାନାନ୍ତର ପରେ ଉକ୍ତ ଖାଲି ହଲ୍‌କୁ ରୋଗୀ ସମ୍ପର୍କୀୟଙ୍କ ବିଶ୍ରାମସ୍ଥଳ ଭାବେ ଖୋଲାଯାଇଛି । ଏହି ବିଶ୍ରାମସ୍ଥଳ କେବଳ ରୋଗୀଙ୍କ ସମ୍ପର୍କୀୟମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି । ଆଡମିସନ୍ ହେଉଥିବା ରୋଗୀଙ୍କୁ ଦୁଇଟି ଲେଖାଏଁ ଆଟେଣ୍ଡାଣ୍ଟ ପାସ୍ ଦିଆଯାଉଛି । ଉକ୍ତ ପାସ୍ ଦେଖାଇ ସମ୍ପର୍କୀୟ ବିଶ୍ରାମସ୍ଥଳକୁ ଯାଇପାରିବେ । ଶୃଙ୍ଖଳା ବଜାୟ ରଖିବା ପାଇଁ ସିକ୍ୟୁରିଟି ଗାର୍ଡ ନିୟୋଜିତ କରାଯାଇଛି ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି ।

# ମାଲକାନଗିରିରୁ ବିମାନ ଚାଲିବା ନେଇ ଦ୍ୱନ୍ଦରେ ଅଞ୍ଚଳବାସୀ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ବର୍ଷକ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତି ତରବରିଆ ଭାବେ ମାଲକାନଗିରି ବିମାନବନ୍ଦରକୁ ଉଦ୍‌ଘାଟନ କରିଥିଲେ। ୧ ବର୍ଷ ବିତିବା ପରେ ମଧ୍ୟ ଅବସ୍ଥା ଯଥା ପୂର୍ବଂ ତଥା ପରଂ ସ୍ଥିତି ଦେଖିବାକୁ ମିଳିଛି । ରନୱେରେ ବିମାନ ବଦଳରେ ଚାଲୁଛନ୍ତି ଗାଈ ଗୋରୁ। ଭାଙ୍ଗିଥିବା ପାଚେରୀ ସ୍ଥାନେ ସ୍ଥାନେ ଏବେବି ପଡି ରହିଥିବା ବେଳେ କିଛି ପାଚେରୀର ମରାମତି କାର୍ଯ୍ୟ ଜାରି ରହିଛି । ମାଲକାନଗିରିବାସୀ ବର୍ଷକ ତଳେ ଦେଖିଥିବା ସ୍ୱପ୍ନ ଏବେ ଅଧାରେ ଅଟକି ରହିଛି। ପ୍ରଶାସନ କହିଛି ବିମାନ ବନ୍ଦର କାର୍ଯ୍ୟକ୍ଷମ ହେବା ପାଇଁ ଆଉ କିଛି କାମ ବାକି ଅଛି । ସେଗୁଡିକ ଖୁବଶୀଘ୍ର କାରାଯାଇ ବିମାନ ବନ୍ଦରକୁ କାର୍ଯ୍ୟକ୍ଷମ କରିବା ପାଇଁ ଚେଷ୍ଟା କରାଯାଉଛି । ମାଲକାନଗିରି ବିମାନ ବନ୍ଦର ଫାଟକରେ ଥିବା ନାମ ଫଳକରେ ଗତ ଜାନୁଆରି ୯ ତାରିଖ ଦିନ ପୂର୍ବତନ ମୁଖ୍ୟମନ୍ତ୍ରୀ ବିମାନ ବନ୍ଦରକୁ ଉଦଘାଟନ କରିଥିଲେ ବୋଲି ଉଲ୍ଲେଖ ରହିଛି । ଆଉ ସରକାର ବଦଳିବା ପରେ ମୁଖ୍ୟ ଫାଟକରେ ଥିବା ଆଉ ଏକ ନାମ ଫଳକର ରଙ୍ଗ ବଦଳିବା ସହ ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥାଇ ଏହା ଏୟାର ଷ୍ଟ୍ରିପ ବୋଲି ନାମ ଫଳକରେ ଉଲ୍ଲେଖ ରହିଛି । ଯାହାକି ଗତ ଉଦଘାଟନ ସମୟରେ ଏହା ଏୟାର ଷ୍ଟ୍ରିପ ନା ଏୟାର ପୋର୍ଟ ବୋଲି ପ୍ରଶ୍ନ କରିଯାଇଥିଲା । ଉଦଘାଟନର ବର୍ଷେ ପରେ ବିମାନ ବନ୍ଦରର ଚିତ୍ର ବଦଳିବାର ନାମ ଧରୁନାହିଁ । ରନୱେ ଓ ବିମାନ ବନ୍ଦରର ପରିସରରେ ବୁଲୁଛନ୍ତି ମାଳ ମାଳ ଗାଈଗୋରୁ । କୌଣସି ସୁରକ୍ଷାକର୍ମୀ ଏଠାରେ ନଥିବାରୁ ଯେ କୌଣସି ଲୋକ ଅଭେଦରେ ପ୍ରବେଶ କରିପାରୁଛି । ଅନ୍ୟପଟେ ଏବେବି ଭାଙ୍ଗିଥିବା କିଛି ପାଚେରୀ ସେଭଳି ଭଙ୍ଗା ଅବସ୍ଥାରେ ପଡି ରହିଥିବା ବେଳେ ପାଚେରୀର ଡିଜାଇନ ବଦଳାଇ ଅନେକ ସ୍ଥାନରେ ମରାମତି କାର୍ଯ୍ୟ କରାଯାଉଛି । ସେହିପରି ଟର୍ମିନାଲ ଘରଗୁଡିକ ମଧ୍ୟ ବହୁ ସ୍ଥାନରେ କରାଯାଇଥିବା ଡିଜାଇନ ଧୀରେଧୀରେ ଭାଙ୍ଗିବାକୁ ବସିଲାଣି ।

ବର୍ଷକ ତଳେ ଉଦଘାଟନ ସମୟରେ ଯେଭଳି ଚିତ୍ର ଥିଲା ବର୍ଷକ ପରେ ମଧ୍ୟ ପାଖାପାଖି ସେହି ଏକା ଚିତ୍ର ଜିଲ୍ଲାବାସୀଙ୍କୁ ଦେଖିଥିବା ମିଳିଛି । ବିମାନରେ ଉଡିବା ଅଂଚଳବାସୀଙ୍କ ସ୍ୱପ୍ନ ଏକ ପ୍ରକାର ସ୍ୱପ୍ନରେ ରହିଯାଇଛି । ବିମାନ ସେବା ଆରମ୍ଭ ହୋଇଥିଲେ ମାଲକାନଗିରି ଜିଲ୍ଲା ପର୍ଯ୍ୟଟନ ଓ ବାଣିଜ୍ୟ କ୍ଷେତ୍ରରେ ବିକାଶ ହେବା ସହ ଜିଲ୍ଲା ଅନ୍ୟ ସ୍ଥାନକୁ ଅକାଶମାର୍ଗରେ ଯୋଡି ହୋଇଥାନ୍ତା । ବର୍ଷକ ପରେ ଏହି ବିମାନ ବନ୍ଦରରେ ସୁରକ୍ଷା ପାଇଁ ୩ଟି ୱାଚ ଟାୱାର ନିର୍ମାଣ ହୋଇଥିବା ବେଳେ ଅଳ୍ପ କିଛି ମାଟିକୁ ସମତୁଲ କରାଯାଇଛି । ଏହା ସହ ଭାଙ୍ଗିଥିବା କିଛି ପାଚେରୀ ଓ ରାସ୍ତାର ମରାମତି କାମ ଚାଲିଛି । ଗତ ସରକାର ନିର୍ବାଚନକୁ ଦୃଷ୍ଟିରେ ରଖି ତରବରିଆ ଭାବେ ଉଦଘାଟନ କରିଥିବା ବେଳେ ବର୍ଷକ ପରେ କିଛି କାର୍ଯ୍ୟ ତ୍ୱରାନ୍ୱିତ ନହେବା ବିମାନ ସେବା କ୍ଷେତ୍ରରେ ସନ୍ଦେହ ବଢ଼ାଇଛି । ଅପରପକ୍ଷରେ ଜିଲ୍ଲା ପ୍ରଶାସନ କହିଛି ବିମାନ ବନ୍ଦରର ଚୁକ୍ତି କରିଥିବା ଠିକାଦାରର କାର୍ଯ୍ୟ ଖୁବଶୀଘ୍ର ସମାପ୍ତ ହେବ । ବିମାନ ବନ୍ଦରରେ ଆଉ କିଛି କାର୍ଯ୍ୟ ବାକି ଅଛି । ଆଉ ଏକ ଟେଣ୍ଡର ଡକାଯାଇ ଡିଜିସିଏ ଅନୁମତି ପାଇଁ ଯାହା ଯାହା କାର୍ଯ୍ୟ ଆବଶ୍ୟକ ତାହା କରାଯିବ ।

# ଭାରତରେ ବହୁଳ ମାତ୍ରାରେ ପ୍ରବେଶ କରୁଛନ୍ତି ଚୀନ୍ କମ୍ପାନୀ

**ନୂଆଦିଲ୍ଲୀ,**

ଚାଇନା କମ୍ପାନୀଗୁଡିକ ଭାରତରେ ପ୍ରବେଶ କରିବାର ଉପାୟ ଖୋଜୁଛନ୍ତି । ଏଥିରେ ଫ୍ୟାଶନ ବ୍ରାଣ୍ଡ ଏବଂ ଇଭି ଏବଂ ଟେଲିଭିଜନ ଉତ୍ପାଦନରେ ଜଡ଼ିତ ବଡ କମ୍ପାନୀ ଅନ୍ତର୍ଭୁକ୍ତ । କିନ୍ତୁ ଚାଇନାର କମ୍ପାନୀଗୁଡିକ ସିଧାସଳଖ ପ୍ରବେଶ ନକରିବାରୁ ସେମାନେ ଭାରତୀୟ କମ୍ପାନୀ ମାଧ୍ୟମରେ ଭାରତରେ ବ୍ୟବସାୟ କରିବାକୁ ବାଧ୍ୟ ହେଉଛନ୍ତି । ଅନେକ କମ୍ପାନୀ ସେମାନଙ୍କର ବ୍ୟବସାୟ ମଧ୍ୟ ଆରମ୍ଭ କରିଥିବାବେଳେ କେତେକ ସେମାନଙ୍କ ବ୍ୟବସାୟକୁ ବିସ୍ତାର କରିବାକୁ ଭାରତୀୟ ଅଂଶୀଦାର ଖୋଜୁଛନ୍ତି । ଚୀନ୍ କମ୍ପାନୀଗୁଡିକ ବର୍ତ୍ତମାନ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ରିଟେଲ, ଏପ୍ୟାକ୍ ଡୁରେବଲ୍ସ, ଡିକ୍ସନ୍ ଟେକ୍ନୋଲୋଜି ଭଳି କମ୍ପାନୀ ସହିତ ଭାରତରେ ବ୍ୟବସାୟ କରୁଛନ୍ତି । ଏକ ପ୍ରସିଦ୍ଧ



ପୋଷାକ ବ୍ରାଣ୍ଡ ଯାହା ଏକଦା ମହିଳାମାନଙ୍କ ପାଇଁ ଗୋଟିଏ ଷ୍ଟପ୍ ମାର୍ଟ ଥିଲା, ସେ ମଧ୍ୟ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ରିଟେଲର ସହଯୋଗରେ କାମ କରିବା ଆରମ୍ଭ କରିଛନ୍ତି ।

ଆମେ ଚାଇନାର ଅଗ୍ରଣୀ ଫ୍ୟାଶନ ବ୍ରାଣ୍ଡ ସିଏନ୍ ବିଷୟରେ କହୁଛୁ । ଶିଏନ୍ ଏବେ ପୁଣି ଭାରତ ଫେରିଛି । ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ରିଟେଲରୁ ଏହା ଏହାର ବ୍ୟବସାୟ ଆରମ୍ଭ କରିଛି । ସୂଚନାଥାଉକି, ରିଲାଏନ୍ସ ରିଟେଲ ଶିଏନ୍‌ର ବ୍ୟାକେଣ୍ଡ ଟେଷ୍ଟ ଲଞ୍ଚ ଆରମ୍ଭ କରିଛି । ଏହା ରିଲାଏନ୍ସର ଫ୍ୟାଶନ୍ ଏବଂ ଜୀବନଶୈଳୀ ପ୍ଲାଟଫର୍ମ ଆଜିଓ ସହିତ ଆରମ୍ଭ ହୋଇଥିଲା । ଇକୋନୋମିକ୍ ଟାଇମ୍ସର ରିପୋର୍ଟ ଅନୁଯାୟୀ, ରିଲାଏନ୍ସ ରିଟେଲର ପ୍ଲାଟଫର୍ମ ଆଜିଓରେ ମହିଳାଙ୍କ ପାଇଁ କାଜୁଆଲ୍ ଏବଂ ପାଶ୍ଚାତ୍ୟ ପୋଷାକର ଟେଷ୍ଟ ଏବଂ କାଟାଲଗ୍ କରିବା ଆରମ୍ଭ କରିଛି । ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ ଗତ ବର୍ଷ ଶେନ୍‌ଙ୍କ ସହ ସହଭାଗୀ ହୋଇଥିଲା । ଯାହାଫଳରେ ଏହା ଭାରତରେ ଏହାର ଫାଷ୍ଟ ଫ୍ୟାଶନ ପରିସରକୁ ନିଜ ପ୍ଲାଟଫର୍ମରେ ବିକ୍ରି କରିପାରିବ ।

ଚାଇନାର ସର୍ବବୃହତ ଟେଲିଭିଜନ ଉତ୍ପାଦନକାରୀ କମ୍ପାନୀ ହିସେନ୍ସ ଟିଭି ପାର୍ଟସ ତିଆରି କରେ । ବର୍ତ୍ତମାନ ଏହା ଭାରତ ଉପରେ ଦୃଷ୍ଟି ରଖିଛି । କମ୍ପାନୀ ଭାରତରେ ପ୍ରବେଶ କରିବା ପାଇଁ ଭାରତୀୟ କମ୍ପାନୀ ଏପ୍ୟାକ୍ ଡୁରେବଲ୍ ସହିତ କାମ କରିବାକୁ ଚିନ୍ତା କରୁଛି । କମ୍ପାନୀ ଆନ୍ଧ୍ରପ୍ରଦେଶର ଶ୍ରୀ ସିଟିରେ ଏକ ବୃହତ ଉତ୍ପାଦନ ସୁବିଧା ନିର୍ମାଣ କରୁଛି ଯେଉଁଠାରେ ହିସେନ୍ସ ବ୍ରାଣ୍ଡ ଅଧୀନରେ ଏସି, ରେଫ୍ରିଜରେଟର, ୱାଶିଂ ମେସିନ୍ ଏବଂ ଛୋଟ ଘରୋଇ ଉପକରଣ ତିଆରି ହେବ ।

ଚାଇନାର ସ୍ମାର୍ଟଫୋନ୍ କମ୍ପାନୀ ଭିଭୋ ମଧ୍ୟ ଏକ ଭାରତୀୟ କମ୍ପାନୀ ସହଯୋଗରେ ଏହାର ବ୍ୟବସାୟକୁ ବିସ୍ତାର କରୁଛି । ସମ୍ପ୍ରତି ଏହି କମ୍ପାନୀ ଭାରତୀୟ କମ୍ପାନୀ ଡିକ୍ସନ୍ ଟେକ୍ନୋଲୋଜିର ସହଯୋଗରେ ଏକ ନୂତନ କମ୍ପାନୀ ଗଠନ କରିଛି । ଏହା ଅଧୀନରେ ଭିଭୋ କେବଳ ଭାରତରେ ସ୍ମାର୍ଟଫୋନ୍ ତିଆରି କରିବ ନାହିଁ ବରଂ ଅନ୍ୟ କମ୍ପାନୀଗୁଡିକ ପାଇଁ ସ୍ମାର୍ଟଫୋନ୍ ତିଆରି କରିବାରେ ମଧ୍ୟ କାର୍ଯ୍ୟ କରିବ ।

୨୦୨୦ ରେ ସୀମା ବିବାଦ ପରେ ଦୁଇ ଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ଖରାପ ହୋଇଯାଇଥିଲା । କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଭାରତ ଅନେକ ଚାଇନିଜ୍ କମ୍ପାନୀ ଏବଂ ଆପ୍ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇଥିଲା । କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଅଲଗା । ଭାରତ ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଏତେ ବୃଦ୍ଧି ପାଇଛି ଯେ ଭାରତ ଆମେରିକାକୁ ମଧ୍ୟ ପଛରେ ପକାଇ ଦେଇଛି । ଯଦି ଆମେ ଏହି ଆକଳନକୁ ଦେଖିବା, ୨୦୨୩-୨୪ ଆର୍ଥିକ ବର୍ଷରେ ଚୀନ୍ ସହିତ ଭାରତର ଆମଦାନୀ ୧୦୦ ବିଲିୟନ ଡଲାରରୁ ଅଧିକ ଥିଲା । ୨୦୨୩-୨୪ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୧୮.୪ ବିଲିୟନ ଡ଼ଲାରରେ ପହଞ୍ଚିଛି ।

ସମ୍ପାଦକୀୟ

30 YEARS

ସମ୍ବାଦ କଳିକା

# ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୬୪୫.୬ ବିଲିଅନ ଡଲାରରେ ପହଞ୍ଚିବ

ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ସପ୍ତମ ଥର ପାଇଁ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ସୁଧ ହାର କିମ୍ବା ମାସିକ କିସ୍ତି (ଇଏମଆଇ) ପରିଶୋଧ ରାଶି ବୃଦ୍ଧି ଯୋଜନା ନାହିଁ। ଆରମ୍ଭ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରା ନୀତି କମିଟି ବୈଠକର ନିଷ୍ପତ୍ତି ସଂପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଘୋଷଣା କରିଛନ୍ତି। ଶକ୍ତିକାନ୍ତ କହିଛନ୍ତି ଦେଶରେ ମୁଦ୍ରାସ୍ଫୀତିରେ ଦେଖାଦେଇ ଆସୁଥିବା ବୃଦ୍ଧି ଧାରା ଏବେ ବନ୍ଦ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ଏବଂ ବାସ୍ତବ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରେପୋ ହାର ହେଉଛି ସେହି ହାର ଯେଉଁଥିରେ ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ କରିଥାଏ। ଏହା ବଢ଼ିଲେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କଠାରୁ ଋଣ ଉପରେ ଅଧିକ ସୁଧ ହାର ଆଦାୟ କରିଥାନ୍ତି ଏବଂ କମିଲେ ସୁଧ ହାର କମାଇଥାନ୍ତି। ମୁଦ୍ରାନୀତି କମିଟିର ୬ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଏହାକୁ ଅପରିବର୍ତ୍ତିତ ରଖିବାକୁ ମତ ଦେଇଥିବାବେଳେ ଜଣେ ପରିବର୍ତ୍ତନ ପାଇଁ କହିଥିଲେ। ମୁଦ୍ରାନୀତି ରିପୋର୍ଟ ଘୋଷଣା କରିବା ଅବସରରେ ଶକ୍ତିକାନ୍ତ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସର ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ, ଦ୍ୱିତୀୟ ତ୍ରୟମାସରେ ୬.୯ ପ୍ରତିଶତ ଏବଂ ତୃତୀୟ ଓ ଚତୁର୍ଥ ତ୍ରୟମାସରେ ୭ ପ୍ରତିଶତ ଲେଖାଏଁ ରହିବ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ମୋବାଇଲ ଆପ୍ ଉନ୍ମୋଚନ ସଂପର୍କରେ ଘୋଷଣା କରାଯାଇଛି। ଏହି ଆପ୍ ଜରିଆରେ ଖୁଚୁରା ନିବେଶକମାନେ ସରକାରୀ ବଣ୍ଡ୍ରେ ସହଜରେ ନିବେଶ ସୁବିଧା ପାଇବେ। ଖୁବ୍‌ଶୀଘ୍ର ଏହି ଆପ୍ ଉପଲବ୍ଧ ହେବ। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ୬୪୫.୬ ବିଲିଅନ ଡଲାରରେ ପହଞ୍ଚିଥିବା ଶକ୍ତିକାନ୍ତ ଘୋଷଣା କରିଛନ୍ତି। ଇଣ୍ଟରନ୍ୟାସନାଲ ଫାଇନାନ୍ସିଆଲ ସର୍ଭିସେସ ସେଣ୍ଟର (ଆଇଏଫଏସ୍‌ସି)ରେ ସଭରେନ୍ ଗ୍ରିନ ବଣ୍ଡ୍ କାରବାରକୁ ଅନୁମତି ଦିଆଯିବ। ଏହା ବ୍ୟତୀତ, ଆଜି ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୂଆ ୱେବସାଇଟ୍ ଏବଂ ଏକ ମୋବାଇଲ ଆପ୍ ଆରମ୍ଭ କରାଯାଇଛି। ତେବେ ବର୍ତ୍ତମାନ କିଛିଦିନ ପାଇଁ ପୁରୁଣା ୱେବସାଇଟ୍ ଉପଲବ୍ଧ ହେବ। ଗୁଗୁଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ର ଆଇଓଏସରୁ ଏହାକୁ ଡାଉନଲୋଡ କରାଯାଇପାରିବ। ଶକ୍ତିକାନ୍ତ ଦାସ ଏବଂ ନୂଆ ୱେବସାଇଟ୍ ଏବଂ ଆପ୍ ଉନ୍ମୋଚନ କରିଛନ୍ତି।

ବ୍ୟାଙ୍କ ଓ ଆର୍ଥିକ ସେବା କମ୍ପାନିଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ଚେତାବନୀ ଦେଇଛନ୍ତି। କାରବାର ସମୟରେ ନିୟମକୁ ଠିକ୍ ଭାବେ ପାଳନ କରିବାକୁ କହିଛନ୍ତି। ସେ ତାଙ୍କୁ ମନେ ପକାଇ ଦେଇଛନ୍ତି ଯେ ସବୁ କିଛି ହେଉଛି ଲୋକମାନଙ୍କ ଟଙ୍କା। ସେକଥା କେବେ ଭୁଲିବ ନାହିଁ। ତେଣୁ ସବୁ ନିୟମକୁ ପାଳନ କରି କର୍ପୋରେଟ ଗଭର୍ଣ୍ଣାନ୍ସକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ବ୍ୟାଙ୍କଗୁଡ଼ିକୁ କହିଛନ୍ତି। ନିୟମ ପାଳନ କରିବାରେ ଅବହେଳା କରୁଥିବା ସଂସ୍ଥାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରିଜର୍ଭ ବ୍ୟାଙ୍କ ପଛାଉନାହିଁ। ନିକଟରେ ଏହା ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଉପରେ କଠୋର କଟକଣା ଲଗାଇ ଏହାକୁ ଜମା ଓ ଅଗ୍ରିମ କାରବାର ବନ୍ଦ କରିବାକୁ କହିଥିଲା। ସେହିପରି ଆଇଆଇଏଫ୍ଏଲ୍ ଫାଇନାନ୍ସ ଲିମିଟେଡକୁ ସୁନା ଋଣ କାରବାର ବନ୍ଦ କରିବା ଏବଂ ଜେଏମ୍ ଫାଇନାନ୍ସିଆଲ୍ ପ୍ରଡକ୍ଟସ୍ ଲିମିଟେଡକୁ ସେୟାର ବନ୍ଧକ ରଖି ଋଣ ଦେବାକୁ ମନା କରିଥିଲା। ୨୦୨୦ ଡିସେମ୍ବରରେ ଏଚଡିଏଫସି ବ୍ୟାଙ୍କକୁ ନୂଆ କ୍ରେଡିଟ୍ କାର୍ଡ ଗ୍ରାହକ ଗ୍ରହଣ କରିବାକୁ ମନା କରାଯାଇଥିଲା। ରେଟିଂ ଏଜେନ୍ସି ଏସ୍‌ଆଣ୍ଡପି ମତରେ ନିୟମ ପାଳନରେ ଅବହେଳା ପ୍ରତି ରିଜର୍ଭ ବ୍ୟାଙ୍କ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ବିଶେଷ କରି ନୋ ୟୋର କଷ୍ଟମର (କେୱାଇସି), ତଥ୍ୟ ସୁରକ୍ଷା, ମନି ଲଣ୍ଡରିଂ ପ୍ରସଙ୍ଗକୁ ଏହା ଗମ୍ଭୀରତା ସହ ନେଉଛି।

# ପରିଶ୍ରମ ବଳରେ ବିଦ୍ୟାର ଅମୃତ ଧାରା ପ୍ରବାହିତ ହୋଇଥାଏ



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ରାମାୟଣ ରଚୟିତା ଆଦିକବି ବାଲ୍ମିକୀଙ୍କର ଅତି ପରମ ପ୍ରିୟ ଶିଷ୍ୟଙ୍କ ନାମ ଥିଲା ଭରଦ୍ୱାଜ। ଆଲୋଚ୍ୟ ବିଷୟଟି ପୁରାତନ ଯୁଗର କଥା, ସେତେବେଳେ ବେଦ ବିଦ୍ୟାରେ ଗଭୀର ଅଧ୍ୟୟନ ନଥିଲେ ମୁନିଋଷି ଭାବରେ ସମ୍ମାନ ମିଳୁ ନଥିଲା। କିନ୍ତୁ ଭରଦ୍ୱାଜ ବେଦ ବିଶାରଦ ନ ହୋଇ ମଧ୍ୟ ସମସ୍ତେ ତାଙ୍କୁ ମୁନିରୁଷିର ମର୍ଯ୍ୟାଦା ଦେଉଥିଲେ। କାରଣ ସେ ନିଜର କଠିନ ସାଧନା ବଳରେ ଅନେକ ଅଦ୍ଭୁତ ସିଦ୍ଧିର ଅଧିକାରୀ ହୋଇପାରିଥିଲେ। ସେ ଗଙ୍ଗା ନଦୀରେ ସ୍ନାନ କରିବାକୁ ପ୍ରତିଦିନ ପ୍ରଭାତରୁ ଗଲାବେଳେ ଗଙ୍ଗାକୂଳରୁ ତାଙ୍କ ପାଦ ପର୍ଯ୍ୟନ୍ତ ପଥର ପାହାଚ ଲମ୍ବି ଆସୁଥିଲା। ତ୍ରିବେଣୀ ତୀର୍ଥ ସନ୍ନିକଟ ଗଙ୍ଗା କୂଳରେ ଭରଦ୍ୱାଜଙ୍କ ସିଦ୍ଧାଶ୍ରମ ଥିଲା। ପିତୃ ସତ୍ୟ ପାଳନ କାରୀ ପ୍ରଭୁ ରାମଚନ୍ଦ୍ରଙ୍କୁ ବନରୁ ଫେରାଇ ଆଣିବା ପାଇଁ ପ୍ରଜାମାନଙ୍କ ସହିତ ଭରତ ଚିତ୍ରକୂଟ ପର୍ବତକୁ ଯିବା ସମୟରେ ରାତିକ ପାଇଁ ଭରଦ୍ୱାଜଙ୍କ ଆଶ୍ରମରେ ଅତିଥି ହୋଇଥିଲେ। ହଠାତ୍ ଭରତ ନିଜ ପ୍ରଜାବର୍ଗଙ୍କ ସହିତ ଭରଦ୍ୱାଜଙ୍କ ଆଶ୍ରମରେ ପହଞ୍ଚିବା ମାତ୍ରେ ମୁନି ଭରଦ୍ୱାଜ ନିଜେ ଅଦ୍ଭୁତ ମନ୍ତ୍ର ଶକ୍ତି ବଳରେ ସମସ୍ତଙ୍କ ପାଇଁ ଦିବ୍ୟ ଭୋଜନ ସହିତ ରାତ୍ରଯାପନ ପାଇଁ ବାସଗୃହର ବ୍ୟବସ୍ଥା ମଧ୍ୟ କରିଦେଇଥିଲେ, ଏପରି ଅଦ୍ଭୁତ ବିଦ୍ୟାର ସିଦ୍ଧ ପୁରୁଷ ଥିଲେ ଭରଦ୍ୱାଜ।

କାଳ କାଳକୁ ସମାଜରେ କିଛି ଛିଦ୍ରାନ୍ୱେଷୀ ଲୋକ ରହିଥାନ୍ତି। ସେମାନେ କାହାର ପ୍ରଶଂସା ସହି ନପାରି ସେମାନଙ୍କର ନିନ୍ଦା କରିବାରେ ଆନନ୍ଦ ଲାଭ କରିଥାନ୍ତି। ସେହିଭଳି କେତେକ ନିନ୍ଦୁକ ଲୋକ କହୁଥିଲେ ଭରଦ୍ୱାଜଙ୍କର ବେଦଜ୍ଞାନ ନାହିଁ, ସେ ଋଷି ପଦବାଚ୍ୟ ନୁହଁନ୍ତି। ଯଦିଓ ଭରଦ୍ୱାଜ ଏକଥା ଶୁଣୁଥିଲେ ମାତ୍ର ସେ ‘ଦୁଃଖେସୁ ଉଦ୍‌ବିଗ୍ନ ମନା ସୁଖେଶୁ ବିଗତସ୍ପୃହା’ଅର୍ଥାତ ଜଣେ ନିର୍ବିକାର ପୁରୁଷ ଥିବା ଯୋଗୁ ସେ ବିଚଳିତ ହେଉନଥିଲେ। କିନ୍ତୁ ତାଙ୍କ ଯୁବ ପୁତ୍ର ପିତାଙ୍କ ନିନ୍ଦା ସହିପାରୁ ନଥିଲେ। ସେହି ନିନ୍ଦୁକ ମାନଙ୍କ ମୁହଁ ବନ୍ଦ କରିବାପାଇଁ ସେ କଠିନ ତପସ୍ୟା କଲେ। ଦୀର୍ଘ ବାର ବର୍ଷ ପରେ ତାଙ୍କ ତପସ୍ୟା ସ୍ଥାନରେ ଦେବରାଜ ଇନ୍ଦ୍ର ଆବିର୍ଭାବ ହୋଇ ତାଙ୍କୁ ବର ମାଗିବାକୁ କହିଲେ। ଭରଦ୍ୱାଜଙ୍କ ପୁତ୍ର ନିଜ ବରରେ ତାଙ୍କ ପିତା ଓ ସେ ନିଜେ ବିନା ଅଧ୍ୟୟନରେ ଚାରିବେଦ ଉପରେ ସର୍ବୋଚ୍ଚ ଜ୍ଞାନର ଅଧିକାରୀ ହେବାକୁ କହିଥିଲେ। ବେଦଉଚ୍ଚାରଣ ସହିତ ଅନର୍ଗଳ ବେଦ ଜ୍ଞାନର ପ୍ରବକ୍ତା ହୋଇପାରିବେ ବୋଲି କହିଥିଲେ। ଇନ୍ଦ୍ର ତଥାସ୍ତୁ କହି ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ। ନିଜ ତପସ୍ୟାରେ ସିଦ୍ଧିପ୍ରାପ୍ତ ହୋଇ ଆନନ୍ଦରେ ଭରଦ୍ୱାଜଙ୍କ ପୁତ୍ର ଦ୍ରୋଣାଚାର୍ଯ୍ୟ ଆଶ୍ରମକୁ ଫେରି ଆସିବା ସହ ନିଜ ପିତାଙ୍କୁ କହିଥିଲେ ପିତା ଆସନ୍ତା କାଲି ସନ୍ଧ୍ୟାରେ ଆମ ଆଶ୍ରମରେ ଏକ ପ୍ରବଚନ କାର୍ଯ୍ୟକ୍ରମ କଲେ କେମିତି ହୁଅନ୍ତା ? ଭରଦ୍ୱାଜ କହିଲେ ଅତି ଉତ୍ତମ କଥା। କାହା ଉପରେ ପ୍ରବଚନ କରିବା ? ପୁତ୍ର ଦ୍ରୋଣାଚାର୍ଯ୍ୟ କହିଲେ ଋଗ୍‌ବେଦ ଉପରେ ପ୍ରବଚନ କରିବା। ଭଲ ମାତ୍ର ପ୍ରବକ୍ତା ଭାବରେ କାହାକୁ ନିମନ୍ତ୍ରଣ କରିବା ? ଦ୍ରୋଣ କହିଲେ କେହି ନିମନ୍ତ୍ରିତ ବକ୍ତା ନ ଆସି ଆପଣ ପ୍ରବଚନ ଦେବେ ! ଭରଦ୍ୱାଜ ହସି ହସି କହିଲେ ପୁତ୍ର ତୁ କ’ଣ ମୋତେ ଥଟ୍ଟା କରୁଚୁ ? ପୁତ୍ର ଦ୍ରୋଣ କହିଲେ ପରମ ପୂଜ୍ୟ ପିତାଙ୍କୁ ଉପହାସ କରିବା ଭଳି ଅଯୋଗ୍ୟ ପୁତ୍ର ମୁଁ ନୁହେଁ। ଭରଦ୍ୱାଜ କହିଲେ ପ୍ରବଚନ କଥା ଛାଡ, ବେଦ ଶବ୍ଦର ବ୍ୟୁତ୍ପତ୍ତି ମଧ୍ୟ ମୋତେ ଜଣାନାହିଁ। ତୁ ମୋତେ ବେଦ ପ୍ରବଚନ ଦେବା ପାଇଁ କହୁଛୁ ? ଏହା ଲୋକହସା ଛଡା ଅନ୍ୟ କଣ ହୋଇପାରେ ? ପୁତ୍ର କହିଲେ ପିତା ବର୍ତ୍ତମାନ ଆପଣ ବେଦ ପ୍ରବଚନ ଆରମ୍ଭ କରନ୍ତୁ ଦେଖିବେ ଆପଣ ନିର୍ଭୁଲ ପ୍ରବଚନ ଦେଇ ପାରିବେ ? ପିତା କହିଲେ ଏହା କିପରି ସମ୍ଭବ ? ଅତି ନମ୍ରତାର ସହିତ ପୁତ୍ର ଦ୍ରୋଣ କହିଥିଲେ ହେ ପିତା ମୁଁ ବାର ବର୍ଷ ତପ ଆଚରଣ କରି ଦେବରାଜ ଇନ୍ଦ୍ରଙ୍କ ଠାରୁ ବର ପାଇଛି, ବିନା ଅଧ୍ୟୟନରେ ଆପଣ ଏବଂ ମୋର ବେଦତତ୍ତ୍ୱ ଆୟତ ହୋଇପାରିବ ! ଏ କଥା ଶୁଣି ପିତା ଭରଦ୍ୱାଜ ପ୍ରସନ୍ନ ପରିବର୍ତ୍ତେ ଅତି ବିଷନ୍ନ ଚିତ୍ତରେ କହିଲେ ପୁତ୍ର ତୁ ମୋର ବିନା ଅନୁମତିରେ ବାର ବର୍ଷକାଳ ଏ ପଣ୍ଡ ଶ୍ରମ କଲୁ କାହିଁକି ? ପୁତ୍ର ଦ୍ରୋଣ କହିଲେ ପିତା ମୁଁ କଣ କିଛି ଭୁଲ କଲି ? ନିନ୍ଦୁକ ମାନେ ପ୍ରତ୍ୟେହ ଆପଣଙ୍କୁ ବେଦ ଜ୍ଞାନହୀନ ବୋଲି କହୁଥିଲେ। ଯେତେବେଳେ କାଲି ସେମାନେ ଆପଣଙ୍କ ମୁଖରୁ ଅନର୍ଗଳ ବେଦ ପ୍ରବଚନ ଶୁଣିବେ ସେମାନଙ୍କ ମୁହଁ ବନ୍ଦ ହୋଇଯିବ। ଏଥିରେ ମୋର ଅପରାଧ ହେଲା କିପରି ?

ପିତା ଭରଦ୍ୱାଜ କହିଲେ ସେମାନେ ସତ୍ୟ କହୁଥିଲେ। ବେଦ ମୁଁ ଅଧ୍ୟୟନ କରିନି, ସତ୍ୟକୁ ସ୍ୱୀକାର କରିନେବା ମନୁଷ୍ୟର ପରମ ଧର୍ମ। ଏହାକୁ ଅପମାନ ମନେକରିବା ଉଚିତ ନୁହେଁ। ଶାସ୍ତ୍ର କହେ ‘ପରିଶ୍ରମ ପ୍ରବାହିତ କରିଥାଏ ବିଦ୍ୟାର ଅମୃତଧାରା’। ବିନା ପରିଶ୍ରମରେ ଯେଉଁ ବିଦ୍ୟା ଅର୍ଜନ କରାଯିବ ସେ ବିଦ୍ୟା ଭବିଷ୍ୟତରେ ଭୟଙ୍କର ହୋଇଥାଏ। ପୁଣ୍ୟ ପରିବର୍ତ୍ତେ ପାପ ପଙ୍କରେ ବୁଡାଇ ଦେଇଥାଏ। ବିନୟ ବଦଳରେ ଅହଙ୍କାର ରେ ପୂର୍ଣ୍ଣ କରି ଦେଇଥାଏ। ଅମୃତରୁ-ମୃତ୍ୟୁ, ଆଲୋକରୁ ଅନ୍ଧକାର, ସତ୍ୟରୁ ଅସତ୍ୟ ପଥକୁ ଟାଣି ନେଇଥାଏ। ତେଣୁ ବିନା ପରିଶ୍ରମର ବିଦ୍ୟା ମୋର ଆଦୌ ଆବଶ୍ୟକ ନାହିଁ। ଏଭଳି ନିରର୍ଥକ ବରଦାନ କୁ ତୁ ତୁରନ୍ତ ଇନ୍ଦ୍ରଙ୍କୁ ଫେରାଇ ଦେଇଆସ। ଭରଦ୍ୱାଜଙ୍କର ଏ କଥା ଥିଲା ସତ୍ୟ ସତ୍ୟ ନିରାଟ ସତ୍ୟ। ବିନା ପରିଶ୍ରମରେ ଆଜିର ନକଲି ବିଦ୍ୱାନଙ୍କ ସଂଖ୍ୟା ହଜାର ହଜାର, ହଜାର ହଜାର ଅନଭିଜ୍ଞ ଆଜି ଡକ୍ଟର ଉପାଧିରେ ଭୂଷିତ ହୋଇ ଛାତି ଫୁଲାଇ ଚାଲୁଛନ୍ତି। ବିଦ୍ୟାର ବିନୟ ଗୁଣ ସେମାନଙ୍କ ଜୀବନରେ ନିର୍ଗୁଣରେ ପରିଣତ ହୋଇ କେବଳ ଅହଙ୍କାରୀ କରିଦେଇଛି। ଆଜିର ଛାତ୍ର ଛାତ୍ରୀ ମାନେ ଏକଥାକୁ ଗଭୀର ଚିନ୍ତା କରି ବିଦ୍ୟାର୍ଜନ ପାଇଁ କଠିନ ପରିଶ୍ରମ କରିବା ଉଚିତ୍। ପରିଶ୍ରମ ପ୍ରବାହିତ କରିଥାଏ ବିଦ୍ୟାର ଅମୃତ ଧାରା। ଯେଉଁ ବିଦ୍ୟା ଅନ୍ୟର ଉପକାର କରିଥାଏ ତାହା ଉତ୍ତମ ବିଦ୍ୟା ପଦବାଚ୍ୟ, ଯେଉଁ ବିଦ୍ୟା ଅନ୍ୟର ଉପକାର କରେନି କି କ୍ଷତି ମଧ୍ୟ କରେନି ସେ ବିଦ୍ୟାକୁ ମଧ୍ୟମ ବିଦ୍ୟା କୁହାଯାଏ। ଯେଉଁ ବିଦ୍ୟା କେବଳ ନିଜର ସ୍ୱାର୍ଥପାଇଁ ଅନ୍ୟମାନଙ୍କର କ୍ଷତି କରିଥାଏ ସେ ବିଦ୍ୟାକୁ ଅନିଷ୍ଟ ବିଦ୍ୟା କୁହାଯାଏ, ଯାହା ଆଜି ପ୍ରବଳ ବେଗରେ ସମାଜକୁ କବଳିତ କରିଛି। ଆଜି କାଲି ଆମ ଶିକ୍ଷା ସମାଜରେ ପାଠ ନପଢି କପି ବିଦ୍ୟା ବଳରେ ବିଦ୍ୟାର୍ଥୀ ଡିଗ୍ରୀ ହାସଲ କରୁଛି ଯାହା ସମାଜ ପାଇଁ ଶୁଭଙ୍କରୀ ନୁହେଁ।

# ଠାକୁରଙ୍କ ନାଁରେ ଠକାମି



ଡ଼ ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
ଦୂରଭାଷ - ୯୭୭୮୭୬୪୩୯୪
tripathysk1947@gmail.com

କିଛି ମାସ ପୂର୍ବେ ତିରୁପତିର ପ୍ରସିଦ୍ଧ ଭେଙ୍କଟେଶ୍ୱର ସ୍ୱାମୀ, (ବାଲାଜୀ) ମନ୍ଦିରରେ ପ୍ରସ୍ତୁତ ହେଉଥିବା ପ୍ରସାଦ, ‘ଲଡୁ’ ଅପମିଶ୍ରିତ ଘିଅରେ ତିଆରି ହେଉଥିବାର ଖବର ପ୍ରକାଶ ପାଇଥିଲା ଯାହା ସେତେବେଳେ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ତେବେ ଏହା କେବଳ ଗୋଟିଏ ମନ୍ଦିରର ଘଟଣା ନୁହେଁ ବରଂ ବିଭିନ୍ନ ଧର୍ମାନୁଷ୍ଠାନମାନଙ୍କରେ ଧର୍ମକୁ ଆଖିଠାର ମାରି ହେଉଥିବା ଠକାମିର ଏକ ପ୍ରତୀକ ମାତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । କେଉଁଠି ଚନ୍ଦନ କାଠ ନାଁରେ ସାଧାରଣ କାଠ ବିକ୍ରି ହେଉଥିବା ବେଳେ ଆଉ କେଉଁଠି ପୂଜା ତେଲ ବା ଘିଅ ନାଁରେ ବିଭିନ୍ନ ନିମ୍ନମାନର ଘିଅ କିମ୍ବା ତେଲ ବିକ୍ରି କରାଯାଇଥାଏ । ପ୍ରସାଦ ନାଁରେ ଆମେ ଯାହା ସେବନ କରିଥାଉ ତାହା କେତେ ମାତ୍ରାରେ ସ୍ୱାସ୍ଥ୍ୟକର ଓ ଖାଦ୍ୟ ଉପଯୋଗୀ ସେକଥା କହିବା କଷ୍ଟକର । କହିବା ବାହୁଲ୍ୟ, ଏହା କେବଳ ଖାଦ୍ୟ, ପଦାର୍ଥ, ଜିନିଷ ପତ୍ର କିମ୍ବା ଧାର୍ମିକସ୍ଥଳୀ ମାନଙ୍କ ମଧ୍ୟରେ ସୀମିତ ନୁହେଁ ବରଂ ଆମମାନଙ୍କର ବିଭିନ୍ନ ଧାର୍ମିକ ବିଶ୍ୱାସ ମଧ୍ୟ ଭଣ୍ଡାମି ଓ ଠକାମି ଦ୍ୱାରା ବେଶ ପ୍ରଭାବିତ ।

ଆମମାନଙ୍କ ମଧ୍ୟରୁ ଊଣା ଅଧିକେ ପ୍ରାୟ ସମସ୍ତେ ଠାକୁରଙ୍କ ନାଁ ନେଇ ଦିନ କାଟି ଥାଆନ୍ତି । କିଏ ତାଙ୍କର ଅସ୍ତିତ୍ୱକୁ ନେଇ ନିଜସ୍ୱ ତତ୍ତ୍ୱ ଏବଂ ବିଶ୍ୱାସକୁ ଦୃଢ଼କରି ପ୍ରଚାର, ପ୍ରସାର କାର୍ଯ୍ୟକ୍ରମ ଜାରି ରଖୁଥିବା ବେଳେ ଆଉ କିଏ ଭଗବତ୍ ସତ୍ତା ବୋଲି କିଛି ନାହିଁ ବରଂ ଏ ସମଗ୍ର ସଂସାର ବୈଜ୍ଞାନିକ ତଥା ପ୍ରାକୃତିକ ନୀତି ନିୟମରେ ବନ୍ଧା ବୋଲି ଯୁକ୍ତି ବାଢ଼ି ନିଜ ନିଜକୁ ନାସ୍ତିକବାଦୀ ଭାବେ ପ୍ରମାଣ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିଥାଆନ୍ତି । ସେମାନଙ୍କ ମତରେ ଧାର୍ମିକ ଭାବନା ଓ ଚେତନା ଗୁଡ଼ିକ ଅନେକ ଅନ୍ଧ ବିଶ୍ୱାସ ତଥା ନିକମା ଲୋକଙ୍କର କାର୍ଯ୍ୟ କଳାପ ଉପରେ ପର୍ଯ୍ୟବେଶିତ । ଏ ସବୁ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ପ୍ରମାଣ ସିଦ୍ଧ ତତ୍ତ୍ୱ ମିଳିବା କଷ୍ଟକର । ଉଦାହରଣ ସ୍ୱରୂପ କାହା ପାଇଁ ସିଏ ପାହାଡ଼ର ପଥର ହୋଇଥିବା ବେଳେ ଆଉ କାହା ପାଇଁ ସିଏ ଦେବତା । କିଏ ନଦୀ, ନାଳ, ଗଛ, ପଶୁପକ୍ଷୀ ମାନଙ୍କ ମଧ୍ୟରେ ବିଭିନ୍ନ ଦେବାଦେବୀ ମାନଙ୍କର ସ୍ୱରୂପ ଭାବେ ପରିକଳ୍ପନା କରି ପ୍ରାର୍ଥନା କରୁଥିବା ବେଳେ ଆଉ କାହା ପାଇଁ ସେଗୁଡ଼ିକ କେବଳ ପ୍ରକୃତିର ନିର୍ଜୀବ ଏବଂ ସଜୀବ ଅଂଶ ବିଶେଷ । ତେବେ ସେଗୁଡ଼ିକ ମଧ୍ୟରେ ଦିବ୍ୟସତ୍ତା ଅନୁଭବ କରିବାର ଅର୍ଥ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କର ଯତ୍ନ ନେବା ଦ୍ୱାରା ପ୍ରାକୃତିକ ସନ୍ତୁଳନ ବଜାୟ ରଖିବା ଏବଂ ଜୈବ ବିବିଧତାକୁ ସୁରକ୍ଷା କରିବା ପାଇଁ ଅବସର ମିଳି ପାରିବ । ତେବେ ଦୁଃଖ ଓ ପରିତାପର ବିଷୟ, ଅନେକ ସମୟରେ ଯେଉଁ ନଦୀ ଯଥା; ଗଙ୍ଗା, ଯମୁନା, ନର୍ମଦା ଆଦି ମାନଙ୍କୁ ଆମେ ପୂଜା କରିଥାଉ ଏବଂ ଆମର ଅନେକ ଆଖ୍ୟାୟିକା, ପୁରାଣ, କିମ୍ବଦନ୍ତୀ ଗୁଡ଼ିକ ଉକ୍ତ ନଦୀ ଗୁଡ଼ିକ ଉପରେ ପର୍ଯ୍ୟବେଶିତ ସେମାନଙ୍କୁ ଆମେ ବିଭିନ୍ନ ଭାବରେ ପ୍ରଦୂଷିତ କରିବାକୁ ଭୁଲି ନଥାଉ । ପାହାଡ଼ ପର୍ବତ ଗୁଡ଼ିକୁ ଆମେ ଧ୍ୱଂସ କରିବାକୁ ମଧ୍ୟ ପଛଘୁଞ୍ଚା ଦେଇ ନଥାଉ । ଅନ୍ୟ ପକ୍ଷରେ ଯେଉଁ ଜୀବଜନ୍ତୁ ମାନଙ୍କୁ ଆମେ ବିଭିନ୍ନ ଦେବାଦେବୀଙ୍କର ବାହନ ହିସାବରେ ପୂଜା କରିଥାଉ ସେମାନଙ୍କୁ ମଧ୍ୟ ଆମେ ବିଭିନ୍ନ ଭାବରେ ମାରିବା ପାଇଁ ଚେଷ୍ଟା କରିଥାଉ । ଆଉ ଏହାକୁ ଅଧିକ ଯୁକ୍ତିଯୁକ୍ତ କରିବା ପାଇଁ ଆମେ କହିଥାଉ; ‘ଯେ ହେଲା ପ୍ରାଣର ବଇରୀ, ଗୋରୁ ବ୍ରାହ୍ମଣ ହେଲେ ମାରି’ । ତେବେ ସବୁ କ୍ଷେତ୍ରରେ କ’ଣ ଆମେ ଏହି ନ୍ୟାୟ, ଅନ୍ୟାୟର ବିଚାର କରିବାରେ ସମର୍ଥ ହୋଇ ଥାଉ କି ? ଯେଉଁ ଗୋରୁଗାଈଙ୍କୁ ଆମେ ଗୋ-ମାତା ଭାବେ ପୂଜା କରିଥାଉ କିମ୍ବା ବୃଷଭ ମାନଙ୍କୁ ଶିବଙ୍କର ବାହନ, ତଥା ମାଙ୍କଡ଼ ମାନଙ୍କୁ ହନୁମାନଙ୍କ ସ୍ୱରୂପ ମନେକରି ଖାଦ୍ୟ ଦେଇଥାଉ ସେମାନଙ୍କୁ ବିଭିନ୍ନ ସମୟରେ ଅକଥନୀୟ ଅତ୍ୟାଚାର କରିବା କ’ଣ ପ୍ରକୃତରେ ଠାକୁରଙ୍କୁ ସମ୍ମାନ ପ୍ରଦର୍ଶନ କରିବାର ଉପାୟ ହୋଇ ପାରିବ କି ?

ପୂର୍ବରୁ ଜନ ସଂଖ୍ୟା କମ୍ ଥିଲା ଏବଂ ଆବଶ୍ୟକତା ସିମୀତ ଥିବାରୁ ପ୍ରାକୃତିକ ସମ୍ବଳ ତଥା ଜୈବ ବିବିଧତାକୁ ସଠିକ ଭାବେ ପରିଚାଳନା କରିବା ସହିତ ସମ୍ମାନ ଦେବା ପାଇଁ ଅବସର ମିଳୁଥିଲା । ଯେଉଁମାନଙ୍କ ଠାରୁ ଆମେ ବିଭିନ୍ନ ଭାବରେ ଉପକୃତ ହେଉଥିଲୁ ସେମାନଙ୍କ ପ୍ରତି କୃତଜ୍ଞତାର ନିଦର୍ଶନ ସ୍ୱରୂପ ଆମେ ବିଭିନ୍ନ ଦେବାଦେବୀଙ୍କର ରୂପ ପରିକଳ୍ପନା କରି ଆସୁଥିଲୁ । କିନ୍ତୁ ପରିବର୍ତ୍ତିତ ସମୟ କ୍ରମେ ଏସବୁ ମଧ୍ୟରେ ଭିନ୍ନ ଭିନ୍ନ ଚିନ୍ତାଧାରା ପ୍ରବେଶ କରୁଛି । ନିଜର ଲୋଭ ଆଗରେ ସାମାଜିକତା ତଥା ଆଧ୍ୟାତ୍ମିକତା ବଳି ପଡୁଛି । ଯୁକ୍ତି ସିଦ୍ଧ ତତ୍ତ୍ୱ ଆଗରେ ବିଶ୍ୱାସ ଦୂରେଇବା ଆରମ୍ଭ କଲାଣି । ହିଂସା, ଦ୍ୱେଷ, ପରଶ୍ରୀକାତରତାକୁ ପାଥେୟ କରିବା ଦ୍ୱାରା ଧାର୍ମିକ ଚେତନା ଗୁଡ଼ିକ ମଧ୍ୟରେ ଏକତା ଆସିବା ଜାଗାରେ ବିଭେଦତା ସୃଷ୍ଟି ହେଉଛି । ଏ ସବୁକୁ ଆଧାର କରି କିଏ ରାଜନୀତି କରୁଛି ତ ଆଉ କିଏ ରାତାରାତି ତଥାକଥିତ ଧାର୍ମିକ ଗୁରୁ ବନି ଯାଉଛନ୍ତି । ଯେଉଁମାନେ ସମୟକ୍ରମେ ଭଣ୍ଡ ବାବା କିମ୍ବା ମାତା ଭାବେ ପରିଗଣିତ ହେଉଛନ୍ତି । ଯେଉଁ ବାପା ମା’ଙ୍କୁ ଆମେ ଜୀବନ୍ତ ଠାକୁର ବୋଲି ମାନି ଥାଉ ଏବଂ ବିଭିନ୍ନ ଧର୍ମରେ ସେମାନଙ୍କୁ ଉଚିତ୍ ସମ୍ମାନ ପ୍ରଦର୍ଶନ କରିବା ପାଇଁ ନିର୍ଦ୍ଦେଶ ରହିଛି ସେହିମାନେ ହିଁ ଦିନେ ସନ୍ତାନ ମାନଙ୍କ ଦ୍ୱାରା ହତାଦର ହୋଇ ଦୁଃଖମୟ ଜୀବନ ଅତିବାହିତ କରିଥାଆନ୍ତି ଯାହା ଆମ ଧାର୍ମିକ ବିଶ୍ୱାସର ପରିପନ୍ଥୀ । ଏହି ଉପଦେଶାତ୍ମକ ବାକ୍ୟ ଓ କାର୍ଯ୍ୟ ଗୁଡ଼ିକ ମଧ୍ୟରେ ଥିବା ଫରକରୁ ହିଁ ଠକାମିର ଅୟମାରମ୍ଭ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

‘ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା’
କ୍ଷୀରବ୍ଧୀ ତନୟା ରମା ।’

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)



ଶ୍ରୀ ଅଭିରାମ ସରସ୍ୱତୀ

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାଯସ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)
(କ୍ରମଶଃ)

# କଥା ବହୁଲେ ସର୍ବନାଶ



ସଲିଳା ତ୍ରିପାଠୀ
ବୋଲଗଡ଼
ମୋ-୮୭୬୩୭୮୮୬୧୪

ଶିଶୁଟିଏ କଥା ନ କହି ପାରିବା ପର୍ଯ୍ୟନ୍ତ ପିତା ମାତାଙ୍କର ଅନେକ ଆଶଙ୍କା ମନ ଭିତରେ ଭରି ରହିଥାଏ । ଯେବେ ସେ କଥା କହିବା ଆରମ୍ଭ କରେ ପିତାମାତା ବାସ୍ତବ ସୁଖ ଅନୁଭବ କରନ୍ତି । କିନ୍ତୁ ଦିନେ ସେଇ ଦରୋଟି କଥା ପରିବର୍ତ୍ତନ ହୋଇ ସମାଜରେ ଏକ ବ୍ୟକ୍ତିତ୍ୱ ରୂପେ ଉଭାସିତ ହୁଏ । ସେତେବେଳେ ସନ୍ତାନର ମଙ୍ଗଳ କାମନା କରିବା ଛଡ଼ା ଆଉ କିଛି ପିତାମାତାଙ୍କ ହାତରେ ନଥାଏ । କାରଣ ସେତେବେଳକୁ ସେ ପିତାମାତାଙ୍କ କଥାରୁ ବାହାରି ଯାଇଥାଏ । ଆଦିମ ମନୁଷ୍ୟ କଥା କହି ପାରୁ ନଥିଲା । ତେଣୁ ବିଭିନ୍ନ ସଂକେତ ମାଧ୍ୟମରେ ମନର ଭାବକୁ ପରିପ୍ରକାଶ କରୁଥିଲା । ଧୀରେ ଧୀରେ ସଭ୍ୟତାର ପୃଷ୍ଠଭୂମିରେ ମନୁଷ୍ୟ ଆଜି ‘କଥା’ କହି ଅସାଧ୍ୟ ସାଧନ କରି ପାରୁଛି । ଏବେ ତ ଆମେ ବିଜ୍ଞାପନର ଯୁଗରେ ବସବାସ କରୁଛେ । କଥାରେ କୁହାଯାଏ ‘କହି ପୋଛି ପାରେ ଯିଏ, ପଚା ଚିଙ୍ଗୁଡ଼ି ବିକେ ସିଏ’ । ନିଜର ଗୁଣ ହେଉ ଅବା ଅବିଗୁଣ ବଣମଲ୍ଲୀ ବଣରେ ଝରି ନଯାଉ ସେଥିପାଇଁ ବିଜ୍ଞାପନର ଅବଦାନ ଅନେକ । ଯଦିଓ ଶାସ୍ତ୍ର କହିଛି ‘ଗୁଣ ଚିହ୍ନେ ଗୁଣିଆ’ । ତଥାପି ନିଜକୁ ଯେତେ ଅନ୍ୟ ଆଗରେ ଦେଖେଇ ହୋଇପାରିବ ତୁମର ଅନ୍ତଃର୍ନିହିତ ଗୁଣକୁ ଲୋକମାନେ ଜାଣିପାରିବେ । ସେଥିପାଇଁ ନିଜ ମୁଖରେ ନିଜ ପ୍ରଶଂସାର ଆବଶ୍ୟକତା ରହିଛି ।

ଆମ ସମାଜରେ ସାଧାରଣତଃ ଦୁଇ ପ୍ରକାର ଲୋକ ରହିଛନ୍ତି । ପ୍ରଥମ ପ୍ରକାରର ବ୍ୟକ୍ତିମାନେ ଅନର୍ଗଳ କଥା ହୋଇପାରନ୍ତି ଏବଂ ଦ୍ୱିତୀୟ ପ୍ରକାରର ଲୋକମାନେ ନୀରବତା ଅବଲମ୍ବନ କରିଥାନ୍ତି । ଯିଏ ବେଶି କଥା କହେ ସିଏ କମ୍ ଚିନ୍ତା କରେ ଆଉ ଯିଏ ବେଶି ଚିନ୍ତା କରେ ସିଏ କମ୍ କଥା କହେ । ଏହି ଗଣିତଟି ଅତି ସରଳ ଅଟେ । କିନ୍ତୁ ଯିଏ ବେଶି କଥା କହେ ସେ ଲୋକଟି ଖରାପ ସ୍ୱଭାବର ଓ ବିଧିବଦ୍ଧ ଭାବେ ଯିଏ କମ୍ କଥା କୁହେ ସେ ଉତ୍ତମ ସ୍ୱଭାବ ହୋଇଥିବ ଏକଥାର କୌଣସି ଯୁକ୍ତିଯୁକ୍ତତା ନଥାଇ ପାରେ । ଥରେ ଆମେରିକାନ୍ ସଭାପତି ଉଡ୍ରୋ ଉଇଲସନଙ୍କୁ ପଚରାଗଲା ଯେ ‘ଆପଣଙ୍କୁ ଗୋଟିଏ ଦଶ ମିନିଟିଆ ଭାଷଣର ପ୍ରସ୍ତୁତି ପାଇଁ କେତେ ସମୟ ଲାଗିବ’ ? ସେ ଉତ୍ତର ଦେଲେ – ଦୁଇ ସପ୍ତାହ । ପୁଣି ପ୍ରଶ୍ନ ହେଲା, “ଘଣ୍ଟିକିଆ ବକ୍ତୃତାଟିଏ ପାଇଁ କେତେ ଦିନ ଲାଗି ପ୍ରସ୍ତୁତ ହୁଅନ୍ତି ? ସେ କହିଲେ ‘ଏକ ସପ୍ତାହ” । ଶେଷରେ ତାଙ୍କୁ ପ୍ରଶ୍ନ ହେଲା ‘ଯଦି ଦୁଇ ଘଣ୍ଟା କାଳ କହିବାକୁ ପଡ଼ିବ ?’ ‘ତେବେ ତ ଏଇ ମୁହୂର୍ତ୍ତରେ ବକରବକର ହେବାକୁ ଆରମ୍ଭ କରି ଦେଇପାରେ।’

> ସେମାନେ ବୁଝି ପାରିବେ ଯେଉଁମାନେ ବୁଝିବିଚାରି କଥା କୁହନ୍ତି। ଅବଶ୍ୟ କିଛି ଲୋକ ଦୋଷ ନ ମୁଣ୍ଡେଇବା ପାଇଁ କମ୍ କଥା କୁହନ୍ତି। ଯଦିଓ ସୁବିଧା ପାଇଲେ ବକବକ ହେବା ଆରମ୍ଭ କରି ଦିଅନ୍ତି । ତା’ଛଡ଼ା ଏମିତି କିଛି ବେଉସା ଅଛି ଯେଉଁଥିରେ ‘କଥା ହିଁ ମୁଖ୍ୟ ସମ୍ବଳ । ଶିକ୍ଷକ ଓ କଥାକାର ମାନଙ୍କୁ ଦେଖନ୍ତୁ । ଯଦି ସେମାନେ କଥା ନ କହିବେ ତେବେ ପରିବାର ପ୍ରତିପୋଷଣ କରିପାରିବେ ନାହିଁ । ହେଲେ ବିଡ଼ମ୍ବନାର ବିଷୟ ଏହିକି ଯେ ସବୁବେଳେ କଥା କହି କହି କାହାକୁ ଶୁଣିବାର ଧୈର୍ଯ୍ୟ ସେମାନେ ହରେଇ ବସନ୍ତି । ସେଥିପାଇଁ ବ୍ୟକ୍ତିଗତ ଜୀବନରେ ରୋଷର ଶିକାର ହୁଅନ୍ତି। ଆଉ କିଛି ବ୍ୟକ୍ତି ଅପ୍ରିୟ ସତ୍ୟ କହିବାରେ ଓସ୍ତାଦ୍ । କିନ୍ତୁ ସେମାନେ ଏହାର ଭଲ ଓ ମନ୍ଦ ଉଭୟ ଦିଗ ପ୍ରତି ଦୃଷ୍ଟି ଦେବା

ଏକଥାର ତାତ୍ପର୍ଯ୍ୟ ସେମାନେ ବୁଝି ପାରିବେ ଯେଉଁମାନେ ବୁଝିବିଚାରି କଥା କୁହନ୍ତି। ଅବଶ୍ୟ କିଛି ଲୋକ ଦୋଷ ନ ମୁଣ୍ଡେଇବା ପାଇଁ କମ୍ କଥା କୁହନ୍ତି। ଯଦିଓ ସୁବିଧା ପାଇଲେ ବକବକ ହେବା ଆରମ୍ଭ କରି ଦିଅନ୍ତି । ତା’ଛଡ଼ା ଏମିତି କିଛି ବେଉସା ଅଛି ଯେଉଁଥିରେ ‘କଥା ହିଁ ମୁଖ୍ୟ ସମ୍ବଳ । ଶିକ୍ଷକ ଓ କଥାକାର ମାନଙ୍କୁ ଦେଖନ୍ତୁ । ଯଦି ସେମାନେ କଥା ନ କହିବେ ତେବେ ପରିବାର ପ୍ରତିପୋଷଣ କରିପାରିବେ ନାହିଁ । ହେଲେ ବିଡ଼ମ୍ବନାର ବିଷୟ ଏହିକି ଯେ ସବୁବେଳେ କଥା କହି କହି କାହାକୁ ଶୁଣିବାର ଧୈର୍ଯ୍ୟ ସେମାନେ ହରେଇ ବସନ୍ତି । ସେଥିପାଇଁ ବ୍ୟକ୍ତିଗତ ଜୀବନରେ ରୋଷର ଶିକାର ହୁଅନ୍ତି।

ଆଉ କିଛି ବ୍ୟକ୍ତି ଅପ୍ରିୟ ସତ୍ୟ କହିବାରେ ଓସ୍ତାଦ୍ । କିନ୍ତୁ ସେମାନେ ଏହାର ଭଲ ଓ ମନ୍ଦ ଉଭୟ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣତଃ ଭୁଲି ଯାଆନ୍ତି । କିଛି ଲୋକ ଏହାକୁ ଗୋଟେ ବାହାଦୂରି ବୋଲି ଭାବନ୍ତି । ଆଗପଛ ନ ବିଚାରି ସ୍ଥାନ, କାଳ ଓ ପାତ୍ର ନିର୍ବିଶେଷରେ ସତ କଥାକୁ ଅତି ନଗ୍ନ ରୂପରେ ଓଗାଳି ଦିଅନ୍ତି । ଏଇଠି ସଂସ୍କୃତରେ ଥିବା ଜନପ୍ରିୟ ଶ୍ଳୋକ ‘ବଚନେକା ଦରିଦ୍ରତା’ ର ବାସ୍ତବ ଅର୍ଥକୁ ହୃଦୟଙ୍ଗମ କରିବା ଏକ ବିବେକବାନ ବ୍ୟକ୍ତିର କାର୍ଯ୍ୟ ଅଟେ । ସମସ୍ତେ ଭଲ କଥା ଶୁଣିବାକୁ ଚାହିଁଥାନ୍ତି । ମାତ୍ର ସେହି ଭଲ କଥା ଯାହା ମଙ୍ଗଳକାରୀ ନୁହେଁ ତାକୁ କହିବା ରାଜ ପରିଷଦର ଚାଟୁକାର ସଙ୍ଗେ ସମାନ ହୋଇଥାଏ । କହିଯିବା କଥା ବହିଯିବା ପାଣି ସଙ୍ଗେ ସମାନ ହୋଇଥାଏ । ଥରେ ପାଟିରୁ ବାହାରିଗଲେ ତାହା ଆଉ ଫେରି ନଥାଏ । ତେଣୁ ଜିଭକୁ ସବୁବେଳେ ସଂଯତ ରଖିବାକୁ ଜ୍ଞାନୀ ଗୁଣୀ ମାନେ ମତ ଦେଇଥାନ୍ତି । ଥରେ ଜଣେ ବିଜ୍ଞ ବ୍ୟକ୍ତି କହିଥିଲେ – “ଭଗବାନ ମୋତେ ଦୁଇଟି କାନ ଦେଇଛନ୍ତି; କିନ୍ତୁ ଜିଭ ଦେଇଛନ୍ତି ମାତ୍ର ଗୋଟିଏ। ଅତଏବ ମୁଁ ଯେତେ ଶୁଣିବି ତା’ର ଅଧା ମାତ୍ର କହିବି । ଗାନ୍ଧିଜୀଙ୍କ ତିନି ମାଙ୍କଡ଼ ପ୍ରସଙ୍ଗକୁ ଆସିଲେ ଗୋଟିଏ ହିଁ ନିର୍ଯ୍ୟାସ ବାହାରେ ଯେ ଖରାପ କଥାକୁ ଶୁଣିବା, ଦେଖିବା ଓ କହିବା ଅପରାଧ ସଙ୍ଗେ ସମାନ ଅଟେ ।

ଆଜିର ଦିନରେ ନିଜର ଇଚ୍ଛାଶକ୍ତି ବ୍ୟବହାର ଓ ଆଚରଣ ଦ୍ୱାରା ଅନ୍ୟକୁ ପ୍ରଭାବିତ କରିବା ଅପେକ୍ଷା ବାକ୍ୟବଳକୁ ହିଁ ଅଧିକାଂଶ ଶ୍ରେୟ ମନେ କରୁଛନ୍ତି । ମନର କଥାକୁ ବାଣ୍ଟିଦେଲେ ମନ ହାଲକା ହୋଇଯାଏ ବୋଲି ଭାବୁଥିବା କେତେ ସତ ଆଉ କେତେ ମିଛ ସେକଥା ଅନୁଭବୀ ହିଁ ଜାଣନ୍ତି । ଏଇ କଥା ବେଳେବେଳେ ମହାଭାରତ ପରି ଯୁଦ୍ଧର ବିଭୀଷିକା ସୃଷ୍ଟି କରେ ଆଉ ରାମାୟଣ ପରି ସଂସାରକୁ ନୀତିଶିକ୍ଷା ଦେଇଥାଏ । କଥା ନଥିଲେ ବଞ୍ଚିବାର ସ୍ୱାଦ ହିଁ ନଥାନ୍ତା । ଏଇ କଥା ହିଁ ବଞ୍ଚିବାର ରାହା ଦେଖାଏ । ମଣିଷକୁ ଆଶାର କିରଣ ଯୋଗାଏ । କଥା ହିଁ ସଂପର୍କର ସେତୁ ବନ୍ଧ । ପଦେ ଭଲ କଥା ଅଜସ୍ର ଦୁଃଖର ମଲମ ପରି କାମ ଦେଇଥାଏ । କଥା ମନର ପରିଭାଷା । ଯେଉଁ କଥା ପୁରାତନ ହୋଇ ଇତିହାସ ସୃଷ୍ଟି କରେ ପୁଣି ସାହିତ୍ୟ ହୋଇ ବର୍ତ୍ତମାନର ରୂପରେଖ ସାଜିପାରେ । କଥାର ମହତ୍ତ୍ୱକୁ ସେଇମାନେ ବୁଝିପାରନ୍ତି ଯେଉଁମାନେ ବାକ୍‌ଶକ୍ତି ହରାଇଛନ୍ତି ।

ପଦେ ପଦେ କଥା ଜୀବନର ମୋଡ଼ ବଦଳାଇଦିଏ । କଥା ଦେଇ ନରଖି ପାରିଲେ ମନୁଷ୍ୟ ଅପରାଧି ପାଲଟିଯାଏ । କିଛି କଥା କେବଳ ଆଖିର ଇଶାରାରେ ବୁଝିହୁଏ ଆଉ କିଛି ମୁହଁରୁ ବାହାରିଲା ପରେ ବି ନିଷ୍ଫଳ ପାଲଟିଯାଏ । କେବେ କଥା ଛୁରୀ ପାଲଟି ଜୀବନକୁ କ୍ଷତବିକ୍ଷତ କରେ ପୁଣି କେବେ ଫୁଲ ହୋଇ ସବୁକିଛି ସୁନ୍ଦରଭାବେ ସଜାଡ଼ି ଦିଏ । କଥା ହେଉଛି ଦୁନିଆଁର ସର୍ବଶ୍ରେଷ୍ଠ ମାଧ୍ୟମ ଯାହା ବିନା ପ୍ରାଣ ଥାଇପାରେ ମାତ୍ର ନିର୍ବାକ ଆଉ ସ୍ପନ୍ଦନହୀନ । କଥା କେବେ କାଳ କାଳକୁ ରହିଯାଏ ଆଉ କେବେ ଗୋଟିଏ ମୁହୂର୍ତ୍ତରେ ହିଁ ସବୁ ଶେଷ କରିଦିଏ । ତେଣୁ କଥା ତାହା ହେବା ଦରକାର ଯାହା ବ୍ୟଥା ଦୂର କରେ । କିନ୍ତୁ କଥାକୁ ଅନ୍ୟଥା କରିବା ଲୋକଙ୍କ ସଂଖ୍ୟା ଏ ଦୁନିଆଁରେ ତ ଅଭାବ ନାହିଁ । ନିଜ ବଡ଼ିମା ପାଇଁ ଅନ୍ୟକୁ କଟୁ କଥା କହି ବିଭିନ୍ନ ଆଳରେ ଜଣେଇବା ମଣିଷର ସହଜାତ ପ୍ରବୃତ୍ତି । ସେଥିପାଇଁ ଭାବିବାକୁ ପଡ଼ିବ ‘କଥା ବିହୁନେ ସର୍ବନାଶ, କଥା ବହୁଲେ ସର୍ବନାଶ’ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍ କ୍ରିକେଟ

# ଜାଗୃତି କ୍ରିକେଟ୍ କ୍ଲବ ଭୁବନେଶ୍ୱର ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଷ୍ଟାଡିୟମ୍ ଠାରେ ଜିଲ୍ଲା କ୍ରିକେଟ ପକ୍ଷରୁ ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍‌ର ଦ୍ୱିତୀୟ ସଂସ୍କରଣ ଦ୍ୱିତୀୟ ମ୍ୟାଚ୍‌ରେ ଜାଗୃତି କ୍ରିକେଟ୍ କ୍ଲବ୍ ୪ ୱିକେଟ୍‌ରେ ଜୁଭେନାଇଲି କ୍ରିକେଟ କ୍ଲବ୍‌କୁ ପରାସ୍ତ କରିଛି । ମ୍ୟାଚ୍‌ଟି ସମ୍ପୂର୍ଣ୍ଣ ଚିତ୍ତାକର୍ଷକ ଥିଲା । ଜୁଭେନାଇଲ୍ କ୍ଲବ୍ କଟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଦଳ ୭ ୱିକେଟ୍ ହରାଇ ୧୬୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୩୫ ବଲ ଖେଳି ସର୍ବାଧିକ ୪୯ରନ ସଂଗ୍ରହ କରିଥିବା ବେଳେ ନିତିନ୍ ନିରଞ୍ଜନ ୩୯ ବଲ୍ ଖେଳି ୪୩ ରନ ସଂଗ୍ରହ କରିଥିଲେ । ୧୬୬ ରନ୍‌ର ପିଛା କରି ଜାଗୃତି କ୍ରିକେଟ ଟିମ୍ ୬ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇ ଜିତିଥିଲେ । ଶେଷ ଓଭରରେ ଜିତିବା ପାଇଁ ୧୭ରନ ଆବଶ୍ୟକ ଥିବାବେଳେ ପ୍ରିୟରଞ୍ଜନ ୪ଟି ବଲରେ ଆବଶ୍ୟକୀୟ ରନ ସଂଗ୍ରହ କରି ଦଳକୁ ବିଜୟୀ କରିଥିଲେ । ବିଜୟୀ ଜାଗୃତି କ୍ଲବ ପକ୍ଷରୁ ରଶ୍ମି ରଂଜନ ସର୍ବାଧିକ ୬୧ ରନ ସଂଗ୍ରହ କରିବା ସହ ୨ଟି ମୂଲ୍ୟବାନ ୱିକେଟ୍ ଅକ୍ତିଆର୍ କରି ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ । ଏହି ମ୍ୟାଚ୍‌କୁ ପ୍ରୀତିରଂଜନ ବଳିଆରସିଂହ ଏବଂ ବିଜୟ କୁମାର ସିଂ ପରିଚାଳନା କରୁଥିବା ବେଳେ ଜନ୍ମେଜୟ ଏବଂ ରବି ନାରାୟଣ ପରିଡ଼ା ସ୍କୋରବୋର୍ଡ ପରିଚାଳନା କରିଥିଲେ । ବିଶିଷ୍ଟ କ୍ରୀଡ଼ାବିତ୍ ତଥା ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ବରିଷ୍ଠ ସଭ୍ୟ ବିମଳ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ୍ ରଶ୍ମି ରଂଜନ ନାୟକଙ୍କୁ ଦୁଇ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ମଙ୍ଗଳବାର ପ୍ରଥମ ସେମିଫାଇନାଲ ସୋଲାର କ୍ଲବ୍ କଟକ ଏବଂ ଜାଗୃତି କ୍ଲବ ଭୁବନେଶ୍ୱର ମଧ୍ୟରେ ଆୟୋଜିତ ହେବ । ସୋମବାରର ମ୍ୟାଚ୍‌କୁ ଆସୋସିଏସନ୍ ସମ୍ପାଦକ ଭବାନୀ କୁମାର ପଣ୍ଡା, କୋଷାଧ୍ୟକ୍ଷ ତନ୍ମୟ ବୋଷ ଏବଂ ସୌର୍ଯ୍ୟରଂଜନ ମହାନ୍ତି ପ୍ରମୁଖ ସଂଯୋଜନା କରିଥିଲେ ।




# ଇଂଲଣ୍ଡ ସିରିଜ ପୂର୍ବରୁ ଭାରତକୁ ବୁମ୍‌ରା ଝଟ୍‌କା

**ନୂଆଦିଲ୍ଲୀ**

ଜାନୁଆରୀ ୨୨ରୁ ଆରମ୍ଭ ହେଉଥିବା ଇଂଲଣ୍ଡ ବିପକ୍ଷ ଟି-୨୦ ଓ ଦିନିକିଆ ସିରିଜ୍ ପୂର୍ବରୁ ଭାରତକୁ ବଡ଼ ଝଟ୍‌କା ଲାଗିଛି । ଦଳର ଷ୍ଟାର ବୋଲର ଯଶପ୍ରୀତ ବୁମ୍‌ରା ଇଂଲଣ୍ଡ ବିପକ୍ଷ ସୀମିତ ଓଭର ସିରିଜ ଖେଳି ନ ପାରନ୍ତି । ଆଗକୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ଥିବାରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ବୁମ୍‌ରାଙ୍କୁ ଯଥାସମ୍ଭବ ବିଶ୍ରାମ ଦେବାକୁ ଚାହୁଁଛି ।

ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ମ୍ୟାଚ୍‌ରେ ବୁମ୍‌ରା ପିଠି ଜନିତ ସମସ୍ୟାରେ ପଡ଼ିଥିଲେ । ଏଥିପାଇଁ ସେ ଦ୍ୱିତୀୟ ଇନିଂସରେ ବୋଲିଂ କରିବାକୁ ସକ୍ଷମ ହୋଇ ନଥିଲେ । ତାଙ୍କ ଆହତ ସମସ୍ୟା କେତେ ଗୁରୁତର, ସେକଥା ସ୍ପଷ୍ଟ ହୋଇନି ।

ନିକଟରେ ଶେଷ ହୋଇଥିବା ବର୍ଡ଼ର-ଗାଭାସ୍କର ଟ୍ରଫିରେ ବୁମ୍‌ରା ଦମଦାର ପ୍ରଦର୍ଶନ କରିଥିଲେ । ଭାରତ ୧-୩ରେ ସିରିଜ୍ ହାରିଥିଲେ ହେଁ ବୁମ୍‌ରା ଏକାକୀ ୩୨ଟି ୱିକେଟ ନେଇଥିଲେ । ୩୦ ବର୍ଷୀୟ ବୁମ୍‌ରା ଉକ୍ତ ସିରିଜରେ ୧୫୦ରୁ ଅଧିକ ଓଭର ବୋଲିଂ କରିଛନ୍ତି । ସିରିଜ୍‌ରେ ବୁମ୍‌ରାଙ୍କ ଉପରେ ପୂରା ଟିମ୍ ଅଧିକ ନିର୍ଭରଶୀଳ ଥିଲା । ସେ ଲମ୍ବାଲମ୍ବା ସ୍ପେଲ ମଧ୍ୟ ବୋଲିଂ କରିଥିଲେ । ଏଥିଯୋଗୁ ସେ ଶେଷ ଟେଷ୍ଟ ବେଳକୁ ପିଠି ଜନିତ ସମସ୍ୟାରେ ପଡ଼ିଥିଲେ । ହେଲେ ବିସିସିଆଇ ଓ ଟିମ୍ ମ୍ୟାନେଜମେଣ୍ଟ ବୁମ୍‌ରାଙ୍କୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ବେଳକୁ ଫିଟ୍ ଦେଖିବାକୁ ଚାହୁଁଛି ।

ଭାରତ ଫେବୃୟାରୀ ୨୦ରେ ବାଂଲାଦେଶ ବିପକ୍ଷରେ ନିଜର ଚାମ୍ପିୟନ୍ସ ଟ୍ରଫି ଅଭିଯାନ ଆରମ୍ଭ କରିବ । ଯଦି ବୁମ୍‌ରାଙ୍କ ଆହତ ସମସ୍ୟା ଗ୍ରେଡ ୧ ବର୍ଗରେ ରହିବ, ତା’ହେଲେ ତାଙ୍କୁ ଠିକ ହୋଇ ପଡ଼ିଆକୁ ଫେରିବା ପାଇଁ ପ୍ରାୟ ୨ରୁ ୩ ସପ୍ତାହ ଲାଗିବ । ସମସ୍ୟା ଗ୍ରେଡ୍ ୨ରେ ହେଲେ ୬ ସପ୍ତାହ ଓ ଗ୍ରେଡ୍ ୩ ହୋଇଥିଲେ ୩ରୁ ଅଧିକ ମାସ ପରେ ଜଣେ ଖେଳାଳି ମ୍ୟାଚ୍ ଖେଳିପାରିବେ ।

୨୦୨୫ ଟି-୨୦ ବିଶ୍ୱକପର ବର୍ଷ ନୁହେଁ । ତେଣୁ ବୁମ୍‌ରା ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ଖେଳିବେ ନାହିଁ । କିନ୍ତୁ ଆଗକୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ଥିବାରୁ ସେ ଇଂଲଣ୍ଡ ବିପକ୍ଷ ୩ଟି ଦିନିକିଆରୁ ୨ଟି ଖେଳିପାରନ୍ତି ।




## ଶକ୍ତି ଉତ୍ତୋଳନ ପ୍ରତିଯୋଗିତା : ରାଇପୁରରେ ରାୟଗଡ଼ାକୁ ୭ ସ୍ୱର୍ଣ୍ଣ ସହ ମୋଟ ୯ ପଦକ




**ଛତିଶଗଡ଼, ନ୍ୟୁଜ୍‌ବ୍ୟୁରୋ**

ରାଇପୁର ଠାରେ ଜାନୁଆରୀ ୨ ରୁ ୫ ଜାନୁଆରୀ ପର୍ଯ୍ୟନ୍ତ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ରାୟଗଡ଼ା ଜିଲ୍ଲାରୁ ୭ ଜଣ ଖେଳାଳି ଭାଗ ନେଇଥିଲେ । ଏଥିରେ ପିଙ୍କି ହୁଇକା ୫୩ କେଜି ବର୍ଗରେ ଗୋଟିଏ ସ୍ୱର୍ଣ୍ଣ ପଦକ, ସାଥିସ କୁମାର ଇନୁମୁଲା ୬୨ କେଜି ବର୍ଗରେ ଗୋଟିଏ ସ୍ୱର୍ଣ୍ଣ, ଧର୍ମେନ୍ଦ୍ର ଡଙ୍ଗୁରୀ ୬୨ କେଜି ବର୍ଗରେ ୨ଟି ସ୍ୱର୍ଣ୍ଣ ପଦକ, ଅଭୟ କୁମାର ଦିଷାରୀ ରୌପ୍ୟ ଓ ସ୍ୱର୍ଣ୍ଣ ୨ଟି ପଦକ ୭୭ କେଜି ବର୍ଗରେ, ଆଦିଆ ଶବର ଗୋଟିଏ କାଂସ୍ୟ ପଦକ ୮୫ କେଜି ବର୍ଗରେ, ଦୋରା କଣ୍ଡାଗରୀ ଗୋଟିଏ ସ୍ୱର୍ଣ୍ଣ ପଦକ ୯୪ କେଜି ବର୍ଗରେ, ପ୍ରତ୍ୟୁଷ କୁମାର ମିଶ୍ର ୧୦୫ କେଜି ବର୍ଗରେ ଗୋଟିଏ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏଥିରେ ୨୧ ରାଜ୍ୟରୁ ୫୦୦ରୁ ୬୦୦ ଖେଳାଳି ଭାଗନେଇଥିଲେ । ଏଥିରେ ଅନ୍ତର୍ଜାତୀୟ ଓ ସ୍ୱର୍ଣ୍ଣ ପଦକ ବିଜେତା ଦୋରା କଣ୍ଡାଗରୀ ଓଡ଼ିଶାର ଟିମ୍ ମ୍ୟାନେଜରର ଦାୟିତ୍ୱରେ ଓଡ଼ିଶାକୁ ସଫଳ କରାଇଛନ୍ତି । ଏଣୁ ସୋମବାର ସକାଳୁ ୭ ଘଣ୍ଟା ସମୟରେ ସହିଦ୍ ଲକ୍ଷ୍ମଣ ନାଏକ ସଂଘର ଯୁବକମାନେ, ରାୟଗଡ଼ା ରେଳ ଷ୍ଟେସନରେ ଫୁଲ ମାଳ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛନ୍ତି । ଏହି ରାୟଗଡ଼ା ମାଟିର ଗୌରବକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଖେଳାଳିମାନେ ନିଜର ସମସ୍ତ ସାଧ ପ୍ରତିପାଦନ କରି ଆସୁଛନ୍ତି, ଏହି ପ୍ରତିଭମାନ ଖାଳାଳିଙ୍କୁ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟିଗୋଚର ହୋଇ ଖାଳାଳିମାନଙ୍କ ମନୋବଳକୁ ଦୃଢ଼ କରିବା ପାଇଁ ସହାୟତାର ହାତ ବଢାଇବା ପାଇଁ ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ଜୋର ଧରିଛି । ପ୍ରଶାସନ ତୁରନ୍ତ ଏହି ଖଳାଳିମାନଙ୍କ ପାଇଁ ସହାୟତାର ହାତ ବଢ଼ାନ୍ତୁ ଓ ସେମାନଙ୍କ ମନୋବଳକୁ ସୁଦୃଢ଼ କରନ୍ତୁ, ତାସାଙ୍ଗକୁ ସହାୟତା ରାଶି ପ୍ରଦାନ କରିବା ପାଇଁ କିଛି ଯୋଜନା କରନ୍ତୁ ।

## ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଇଲେଭେନ ଷ୍ଟାର, ଯାଜପୁର

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ସହରର କୁସୁମା ପଡ଼ିଆଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୬ତମ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ୟୁନିଅନ୍ ସ୍ପୋର୍ଟିଂ, କଟକ ଓ ଇଲେଭେନ ଷ୍ଟାର, ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଇଲେଭେନ ଷ୍ଟାର, ଯାଜପୁର ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୟୁନିଅନ୍ ସ୍ପୋର୍ଟିଂ, କଟକ ନିର୍ଦ୍ଧାରିତ ୩୦ଓଭର ମଧ୍ୟରୁ ୨୯.୫ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ଜ୍ୟୋତି ରଞ୍ଜନ ଦଳାଇ ୪୦ ରନ୍ ସଂଗ୍ରହ କରିଥିବା ବେଳେ ବିନାୟକ ସାହୁ ୩୦ ରନ୍ ସଂଗ୍ରହ କରିଥିଲେ । ଇଲେଭେନ ଷ୍ଟାର, ଯାଜପୁରର ବୋଲର ସାନ୍ତନୁ ଦାସ ୫ ଓଭର ବୋଲିଂ କରି ୪୩ ରନ୍ ଦେଇ ୪ଟି ଉଇକେଟ୍ ଅକ୍ତିଆର କରିଥିବାବେଳେ ରଜନୀକାନ୍ତ ଦାସ ୬ ଓଭର ବୋଲିଂ କରି ୨ଟି ଉଇକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ଇଲେଭେନ ଷ୍ଟାର, ଯାଜପୁର ୨୨.୧ ଓଭର ଖେଳି ୪ ଉଇକେଟ୍ ହରାଇ ୧୮୩ ରନ୍ ସଂଗ୍ରହ କରି ୟୁନିଅନ ସ୍ପୋର୍ଟିଂ, କଟକକୁ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । ଦଳ ପକ୍ଷରୁ ଅମିନ ଇକବାଲ ଖାନ୍ ୧୦୫ରନ୍ ସଂଗ୍ରହ କରି ଅପରାଜିତ ଥିବା ବେଳେ ଶାନ୍ତନୁ ଦାସ ୬୮ରନ୍ ସଂଗ୍ରହ କରିଥିଲେ । ସୋମବାର ମ୍ୟାଚରେ ଇଲେଭେନ ଷ୍ଟାର, ଯାଜପୁରର ଶାନ୍ତନୁ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଯାଜପୁର ସହରର ଡ଼ିଜିଟାଲ ୱାର୍ଲ୍ଡର ମାଲିକ ତଥା ମେଲବୋର୍ଣ୍ଣ କ୍ରିକେଟ ଟିମ୍ ପୂର୍ବତନ ବରିଷ୍ଠ କ୍ରିକେଟିୟର ସଚ୍ଚିଦାନନ୍ଦ ଜେନା ପୁରସ୍କୃତ କରିଥିଲେ । ଏହି ମ୍ୟାଚ୍‌କୁ ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବର ସଭାପତି ଅଭୟ ବଲ୍ଲଭ ପଣ୍ଡା, ଶ୍ରୀଜୟ ମହାପାତ୍ର,ଜଗନ୍ନାଥ ବେହେରା, ବିଶ୍ୱଜିତ୍ ଦାସ, ସ୍ୱସ୍ତିକ ପହୀ, ଅନିଲ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି ମ୍ୟାଚ୍‌କୁ ଅମ୍ପାୟାର ଭାବେ ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ କିରଣ ମନୋହର ମହାନ୍ତି ଏବଂ ଜ୍ୟୋତିପ୍ରକାଶ ମହାପାତ୍ର ପରିଚାଳନା କରିଥିଲେ ।



## ଅନ୍ତର୍ଜାତୀୟ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନସିପ୍: ପ୍ରତିନିଧିତ୍ୱ କରି ଫେରିଲେ କନ୍ଧମାଳର ପ୍ରୀତମ ପ୍ରଧାନ



**ରାଇକିଆ**

ନେପାଳରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଟେନିସ୍ ବଲ୍ କ୍ରିକେଟ୍ ? ଚାମ୍ପିଅନସିପ୍‌ରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ଫେରିଛନ୍ତି କନ୍ଧମାଳ ଜିଲା ରାଇକିଆର ପ୍ରୀତମ ପ୍ରଧାନ । ସୋମବାର ଭବ୍ୟ ସମ୍ବର୍ଦ୍ଧନା ଓ ଶୋଭାଯାତ୍ରା ମଧ୍ୟମରେ ପ୍ରୀତମଙ୍କୁ ସ୍ୱାଗତ କରାଯାଇଛି । ନେପାଳରେ ଡିସେମ୍ବର ୨୦ରୁ ଜାନୁଆରୀ ୨ ମଧ୍ୟରେ ଅନ୍ତର୍ଜାତୀୟ ଟେନିସ୍ ବଲ୍ ? କ୍ରିକେଟ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତୀୟ ଦଳ ବିଜୟୀ ହୋଇଥିଲେ । ରାଇକିଆ ଅଞ୍ଚଳରୁ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ାରେ ପ୍ରୀତମ ପ୍ରତିନିଧିତ୍ୱ କରିଥିବାରୁ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି । ଏନେଇ ବିଭିନ୍ନ ସଙ୍ଗଠନ ତରଫରୁ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ଜାତୀୟ ର୍‍ୟାଙ୍କିଙ୍ଗ୍ ପିକଲ୍‌ବଲ୍: ଭାର୍ଗବୀଙ୍କୁ ରୌପ୍ୟ

**ଭୁବନେଶ୍ୱର**

ଓଡ଼ିଶା ପିକଲ୍‌ବଲ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ହାଇଓ୍ୱେ ହୋଣ୍ଡା ଓ ଗ୍ରାଣ୍ଡ୍ ଆବାସଠାରେ ଆୟୋଜିତ ଜାତୀୟ ର୍‍ୟାଙ୍କିଙ୍ଗ୍ ପିକଲ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ଓଡ଼ିଶାର ଭାର୍ଗବୀ କଲାଗା ରୌପ୍ୟ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ମହିଳା ଓପନ୍ ଏକକ ଫାଇନାଲ୍‌ରେ ଭର୍ଗବୀ ୧-୧୧, ୩-୧ରେ ଅନୁଜା ମାହେଶ୍ୱରୀଙ୍କଠୁ ହାରିଛନ୍ତି । ସଂସ୍କୃତି ତୟାଲ କାଂସ୍ୟ ଜିତିଛନ୍ତି ।

ଓପନ୍ ଏକକ ପୁରୁଷରେ ତେଜାସ ମହାଜନ, ମୟୂର ପାଟିଲ ଓ ସୋନୁ କୁମାର ଏବଂ ପୁରୁଷ ଯୁଗଳରେ ତେଜାସ-ବଂଶିକ କପାଡ଼ିଆ, ରୋହିତ ପାଟିଲ-ସୋନୁ କୁମାର ଏବଂ କୁଳଦୀପ ମହାଜନ-ମୟୁର ପାଟିଲ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ଜିତିଛନ୍ତି । ମହିଳା ଯୁଗଳରେ ଅନୁଜା ମାହେଶ୍ୱରୀ ଓ ବୃଶାଳି ଠାକ୍‌ରେ, ଅର୍ପଣା ଚୌଧୁରୀ ଓ ସାକ୍ଷୀ ବଡିସ୍କର ଏବଂ ଅଞ୍ଜଳି ପୋଲ ଓ ଆରାଧା ସତପୁତେ ପ୍ରଥମ ୩ ସମ୍ମାନ ପାଇଛନ୍ତି । ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଗ୍ରୁଜ୍-ଜି’ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ, ଏଆଇପିଏର ସଭାପତି ଅରବିନ୍ଦ ପ୍ରଭୁ, ପିଏଓ ସଭାପତି ଶକ୍ତିରଂଜନ ଦାଶ, ସମ୍ପାଦକ ଶୁଭ୍ରାଂଶୁ ଷଡ଼ଙ୍ଗୀ, ଯୁଗ୍ମସମ୍ପାଦକ ଅନମୋଲ ଦାଶ ଯୋଗଦେଇଥିଲେ ।




GOVERNMENT OF ODISHA
Office of the Superintending Engineer
Bhanjanagar (R&B) Division. Bhanjanagar.
(Phone/Fax: (06821) 241133 / E -mail: eernbbngr@yahoo.in)
B-817

Ltr. No. 36 // Dtd.03.01.2025

INVITATTIONS FOR BIDS (IFB)

E-Procurement Bid Identification No. S.E -BNJ-R&B- 27 / 2024-25.

1. Name of work :- Electrical Work
2. No. of works :- 1 No. Electrical Work
3. No. of Covers :- Single Cover
4. Estimated cost :- Rs.35.02 lakhs
5. Period of Completion :- Three Calendar Month.
6. Date of time of availability of bid document in the portal :- From 12 00 Noon of dated 08.01.2025 to 6.00 PM. of dated 22.01.2025
7. Last date/time for receipt of bids in the portal :- Up to 5.00 PM. of dated 22.01.2025.
8. Date of opening of bid documents :- At 11.00 A.M. of dated 24.01.2025.
9. Class of Contractor :- "HT" Elect. Contractor
10. Name and address of officer inviting Bid :- Superintending Engineer, Bhanjanagar (R&B) Division, Bhanjanagar

Further details can be seen tram the e-Procurement portal www.tendersi.disha.gov.in. The Addendum / Corrigendum if any will be hosted in the website oniy.

OIPR-34015/11/0022/2425
Sd/- Superintending Engineer
Bhanjanagar (R&B) Division

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KESINGA
E_mail: eerwkesinga@yahoo.com
O-1157
e-Procurement Notice
BID IDENTIFICATION NO. RWKSNG-online-04/24-25

1. Name of works : Road works, (As per annexure)
2. Total No. of work : 9 Nos
3. Estimated Cost : Rs. 5.03 lakhs to Rs.25.17 lakhs (Approximately)
4. E.M.D : Please refer DTCN
5. Cost of Tender document : As per annexure
6. Class of Contractor : ‘D, C & B” Class
7. Period of completion : As per annexure
8. Other details : As per DTCN

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Additional Chief Engineer, Rural Works Division, Kesinga | RWKSNG-online-04/24-25 | 06.01.2025 at 14.00 P.M | 15.01.2025 upto 17.00 P.M. | 10.01.2025 upto 11.00 A.M | 16.01.2025 at 11.00 P.M |

Further details can be seen from the Website i.e www.tenderodisha.gov.in.

OIPR-25153/11/0004/2425
Sd/- Additional Chief Engineer
Rural Works Division, Kesinga

OFFICE OF THE PANCHAYAT SAMITI, KUTRA
i-405
E-mail:- ori-kutra@nic.in
Bid Identification No.- B.D.O, P.S, KUTRA- 05/ 2024-25
No:- 31 P.S KUTRA/ Dtd:- 04.01.2025

1. Block Development Officer, Kutra on behalf of Governor of Odisha invites percentage rate bid through open bid in Single from eligible contractors for the works as detailed below.
   Nature of Work : “Construction of Multy Purpose Community- cum-Cultural Center at Telighana under Kutra Block
   No. of Works : 1 No.
   Tender Cost : As specified in the bid documents
   Class of Contractor : As specified in the bid documents
   Available of Bid document in Website : From Dt. 06.01.2025 of 10.00 AM to Dt. 15.01.2025
   Last date of receipt of Tender Paper : Date.16.01.2025 till 5.00 P.M. in working days
   Date of opening of open Bid : Dt.17.01.2025 at 10.30 AM
2. The Bidders have to participate in open bidding only. Further details can be seen from the Website: www.sundargarh.odisha.gov.in .
3. Any Addendum / Corrigendum / Cancellation of tender can also be seen in the newspaper and website: http://www.sundargarh.odisha.gov.in.

OIPR-19126/11/0005/2425
Sd/- Block Development Officer, Kutra

OFFICE OF THE NOTIFIED AREA COUNCIL, BANPUR
C-1405
Bid Reference No: E.O-N.A.C-BNR- 02/2024-25
Tender Call Notice No. 2139 /Dt. 03-01-24 /

The Executive Officer on behalf of Banpur NAC invites percentage basis tender from the registeredcontractors in offline.

1. Type of Works : Civil construction works as in the D.T.C.N 10 Nos.
2. Total No. of works : 10 Nos.
3. Tender Amount Cost : As per DTCN
4. Period of Completion : 60 days
5. Date and time of availability of Bid Documents in the office : From 10.00 A.M. of Dt. 06.01.2025 to 5.00 P.M. of Dt. 14.01.2025.
6. Date and time for submission of Original documents in office : 16.1.2025 at 11.00 A.M to 1.00 P.M.
7. Date & Time of Opening of Tender : Dt 16.01.2025 at 3.00 P.M.

Further amendments, corrigendum or other communication regarding this letter will be available by office notice and print media.

OIPR-13177/11/0005/2425
Sd/- Executive Officer
Banpur NAC


## ଭାଗଚାଷୀଙ୍କୁ ରାଜ୍ୟ ସରକାରଙ୍କ ଉପେକ୍ଷା ଦୁର୍ଭାଗ୍ୟଜନକ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ଅଦିନିଆ ବର୍ଷାରେ ଭାଗଚାଷୀଙ୍କ କ୍ଷୟକ୍ଷତିକୁ ଉପେକ୍ଷା କରି ସେମାନଙ୍କୁ କ୍ଷତିପୂରଣ ମିଳିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ଦେଇଥିବା ବିବୃତ୍ତି ଦୁର୍ଭାଗ୍ୟଜନକ ବୋଲି ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି । ଶ୍ରୀ ମହାନ୍ତି ଆହୁରି କହିଥିଲେ ଯେ, ୨୦୧୫-୧୬ ମସିହାରେ ବିଜୁ ଜନତା ଦଳର ସରକାର ରାଜ୍ୟରେ କୃଷି ସର୍ଭେ କରିଥିଲେ, ଯେଉଁଥିରେ ୧୮.୬ ପ୍ରତିଶତ ଭାଗଚାଷୀ ଥିବା ଜଣାପଡ଼ିଥିଲା । ସେମାନଙ୍କ ମଧ୍ୟରୁ ୯୩.୨ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଥିଲେ । କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଏଣ୍ଟ ଲାଏବିଲିଟି ଗ୍ରୁପ୍ (ଜେଏଲ୍‌ଜି) ଗଠନ କରାଯାଇ ଋଣ ପ୍ରଦାନର ବ୍ୟବସ୍ଥା କରାଯାଇଥିଲା । ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ‘କାଳିଆ’ ଓ ‘ବଳରାମ’ ଯୋଜନା ପ୍ରଣୟନ କରାଯାଇଥିଲା । ଏହି ଫ୍ଲାଗସିପ୍ ଯୋଜନା ମାଧ୍ୟମରେ କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀଙ୍କୁ ନିରନ୍ତର ବ୍ୟାପକ ସହାୟତା ପ୍ରଦାନ କରାଯାଉଥିଲା । ବିଜେପି ବିରୋଧୀ ଦଳରେ ଥିବାବେଳେ ଭାଗଚାଷୀଙ୍କ ପାଇଁ ଡିଣ୍ଡିମ ପିଟୁଥିବା ବେଳେ ଆଜି ସେମାନଙ୍କ ଅଦିନିଆ ବର୍ଷା ଜନିତ ଫସଲହାନୀ ସମୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବିବୃତି କଟା ଘା’ରେ ଚୂନ ଦେବା ସଦୃଶ ହୋଇଛି । ହାଡ଼ଭଙ୍ଗା ପରିଶ୍ରମ କରି ଫସଲ ଅମଳ ସମୟରେ ଭାଗଚାଷୀଙ୍କୁ ସହାୟତା କରିବା ପରିବର୍ତ୍ତେ ନିୟମ ନାହିଁ ବାହାନାରେ କ୍ଷତିପୂରଣ ନ ଦେବା ପାଇଁ ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ । ଅତିଶୀଘ୍ର ମୁଖ୍ୟମନ୍ତ୍ରୀ ଭାଗଚାଷୀଙ୍କୁ ସହାୟତା ଦେବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଡଃ ମହାନ୍ତି କହିଥିଲେ ।

## ଆୟର୍ଲାଣ୍ଡ ବିପକ୍ଷ ସିରିଜ୍ ପାଇଁ ଭାରତୀୟ ମହିଳା ଦଳ ଘୋଷଣା

**ନୂଆଦିଲ୍ଲୀ**

ଜାନୁଆରୀ ୧୦ରୁ ଭାରତୀୟ ମହିଳା ଦଳ ଆୟର୍ଲାଣ୍ଡ ବିପକ୍ଷରେ ଦିନିକିଆ ସିରିଜ ଖେଳିବ । ଭାରତରେ କ୍ରିକେଟ ବୋର୍ଡ ଅଫ କ୍ରିକେଟ ଏହି ସିରିଜ ପାଇଁ ଦଳ ଘୋଷଣା କରିଛି । ହରମାନପ୍ରୀତ କୌର ଏବଂ ରେଣୁକା ସିଂ ଟିମ୍ ଇଣ୍ଡିଆରୁ ବାଦ୍ ଦିଆଯାଇଛି । ସ୍ମୃତି ମନ୍ଧାନାଙ୍କୁ ଏକ ବଡ଼ ଦାୟିତ୍ୱ ଦିଆଯାଇଛି । ଆୟର୍ଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ମନ୍ଧାନା ଟିମ୍ ଇଣ୍ଡିଆର ଅଧିନାୟକ ହେବେ ।

ଭାରତ ଏବଂ ଆୟର୍ଲାଣ୍ଡ ମଧ୍ୟରେ ତିନୋଟି ଦିନିକିଆ ମ୍ୟାଚ ଖେଳାଯିବ । ଏହି ସମସ୍ତ ମ୍ୟାଚ୍ ରାଜକୋଟରେ ଅନୁଷ୍ଠିତ ହେବ । ମନ୍ଧାନା ଭାରତର ଅଧିନାୟକ ହେବେ । ସେ ଜଣେ ଅଭିଜ୍ଞ ଖେଳାଳି ଏବଂ ଅନେକ ଥର ଦୃଢ଼ ପ୍ରଦର୍ଶନ କରିଛନ୍ତି । ଦୀପ୍ତି ଶର୍ମା ଟିମ ଇଣ୍ଡିଆର ଉପ-ଅଧିନାୟକ ହେବେ । ଏମାନଙ୍କ ସହିତ ପ୍ରତୀକ ରାୱଲ ଏବଂ ହରଲିନ ଦେଓଲ ମଧ୍ୟ ଟିମ୍ ଇଣ୍ଡିଆରେ ସ୍ଥାନ ପାଇଛନ୍ତି । ଶକ୍ତିଶାଳୀ ବ୍ୟାଟିଂରେ ହରଲିନ ଜଣେ ପାରଦର୍ଶୀ । ନିକଟରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଶତକ ହାସଲ କରିଥିଲେ ।

ଅଭିଜ୍ଞ ଖେଳାଳିଙ୍କ ସହ ଯୁବ ଖେଳାଳିମାନେ ମଧ୍ୟ ଭାରତୀୟ ଦଳରେ ସୁଯୋଗ ପାଇଛନ୍ତି । ଉଇକେଟ କିପର ବ୍ୟାଟ୍ସମ୍ୟାନ ଉମା ଛେତ୍ରୀ, ମିନୁ ମଣି, ପ୍ରିୟା ମିଶ୍ର ଏବଂ ତନୁଜା କନୱାର ଦଳର ଏକ ଅଂଶ । ଏଥି ସହିତ ଅଭିଜ୍ଞ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଚା ଘୋଷ, ଜେମିମା ରୋଡ୍ରିଗେଜ ଏବଂ ରାଘବୀ ବିଷ୍ଟ ମଧ୍ୟ ଏକ ସୁଯୋଗ ପାଇଛନ୍ତି । ଭାରତୀୟ ଦଳ ଯଥେଷ୍ଟ ସନ୍ତୁଳିତ ଦେଖାଯାଉଛି । ନିକଟରେ ଦିନିକିଆ ସିରିଜରେ ୱେଷ୍ଟ-ଇଣ୍ଡିଜକୁ ୩-୦ରେ ପରାସ୍ତ କରିଛି । ଟିମ ଇଣ୍ଡିଆ ଅଧିନାୟକ ହରମାନପ୍ରୀତ କୌର ଏବଂ ରେଣୁକା ସିଂଙ୍କୁ ବିଶ୍ରାମ ଦେଇଛି ।

# ତେଜୋଦୀପ୍ତ ଅମ୍ଲାନ ପ୍ରତିଭା ପ୍ରାଧାପକ ସଞ୍ଜୟ ଶତପଥୀ

### ଡଃ ସଞ୍ଜୟ ଶତପଥୀଙ୍କ ଦ୍ୱାଦଶ ଅବସରରେ...

ଓଡ଼ିଶାର ଅନ୍ୟତମ ବିଶିଷ୍ଟ ଶିକ୍ଷାବିତ୍, ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି, ଆଧାତ୍ମିକ ଚେତନାର ବାହକ, ସାହିତ୍ୟ-ସଂସ୍କୃତି ଉପାସକ, ପ୍ରାଧ୍ୟାପକ ଡଃ ସଞ୍ଜୟ ଶତପଥୀଙ୍କ ଅକାଳ ବିୟୋଗରେ ଏକ ଉଦ୍ଦୀପ୍ତ ପ୍ରତିଭା ନିର୍ବାପିତ ହୋଇଗଲା । ତାଙ୍କ ଅବର୍ତ୍ତମାନରେ ଓଡ଼ିଶାର ସାରସ୍ୱତ ସାଂସ୍କୃତିକ ଓ ଆଧାତ୍ମିକ ଜଗତରେ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ।

ଜାତୀୟ କବି ବୀରକିଶୋର, ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା, ଡଃ ଶ୍ରୀରାମ ଚନ୍ଦ୍ର ଦାଶ, ଔପନ୍ୟାସିକ ବିଭୁତି ପଟ୍ଟନାୟକ, ଶିକ୍ଷାବିତ୍ ବୈକୁଣ୍ଠ ନାଥ ଆଚାର୍ଯ୍ୟ, ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ, ପ୍ରାଧ୍ୟାପକ ହୃଦାନନ୍ଦ ରାୟ, ପ୍ରତିଭା ରାୟ ପ୍ରମୁଖ ଏକାଧିକ ପ୍ରଥିତଯଶାମାନଙ୍କୁ ଅବିଭକ୍ତ କଟକ ଅଧୁନା ଜଗତସିଂହପୁର ଜିଲ୍ଲା ମାଟି ଜନ୍ମ ଦେଇ ଓଡ଼ିଶାର ବୌଦ୍ଧିକ ଓ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଅଛି । ପ୍ରାଧ୍ୟାପକ ଡଃ ସଞ୍ଜୟ ଶତପଥୀ ସେହି ଧାରାର ଅନ୍ୟତମ ସହଯାତ୍ରୀ । ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏବଂ ଓଡ଼ିଶାର ଭିନ୍ନଭିନ୍ନ ଶୈବପୀଠରେ ସମାହିତ ହେଉଥିବା ଧାର୍ମିକ ସମାରୋହର ଜୀବନ୍ତ ବିବରଣୀ ପ୍ରଦାନ କରିବାରେ ଡଃ ଶତପଥୀ ଥିଲେ ସିଦ୍ଧହସ୍ତ ।

୧୯୮୪ ମସିହାରେ କଟକ କଲେଜରୁ ଅଧ୍ୟାପକ ଜୀବନର ଶୁଭାରମ୍ଭ କରି ପରବର୍ତ୍ତୀ ଅବସ୍ଥାରେ ସେ ଭବାନୀପାଟଣା ସରକାରୀ ମହାବିଦ୍ୟାଳୟ, ରମାଦେବୀ ମହାବିଦ୍ୟାଳୟ, ଫକୀରମୋହନ ମହାବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷାଦାନ କରି ସେ ବହୁ କୃତି ଛାତ୍ରଛାତ୍ରୀ ମାନଙ୍କୁ ସୃଷ୍ଟି କରିପାରିଥିଲେ । ବୃତ୍ତିରେ ବାଣିଜ୍ୟ ବିଭାଗରେ ଅଧ୍ୟାପନା, କୃତିରେ ସାହିତ୍ୟ ସଂସ୍କୃତିର ଉପାସନା ହିଁ ତାଙ୍କର ବିଶେଷତ୍ୱ ଥିଲା । ଜଣେ ପ୍ରବଚକ ଓ ଉପସ୍ଥାପକ ଭାବେ ସେ ବେଶ୍ ଖ୍ୟାତି ଲାଭ କରିଥିଲେ । ତାଙ୍କର ଉପସ୍ଥାପନ ଶୈଳୀ ଅନ୍ୟମାନଙ୍କଠାରୁ ଭିନ୍ନ ଥିଲା । ତାଙ୍କ ବର୍ଣ୍ଣନା ଚାତୁରୀରେ ମାଧୁର୍ଯ୍ୟ ଭରି ରହିଥିଲା । ଜଣେ ପ୍ରବୀଣ ଅଧ୍ୟାପକ ଓ ସଫଳ ପ୍ରବଚକ ଭାବେ ସେ ବେଶ୍ ସୁନାମ ଅର୍ଜନ କରିପାରିଥିଲେ । ବିଶେଷ କରି ଧାର୍ମିକ ଚେତନା ଜାଗ୍ରତ କରାଇବାରେ ତାଙ୍କର ଅପୂର୍ବ ପାରଦର୍ଶିତା ଥିଲା । ସରଳ ଜୀବନଯାପନ, ଉଚ୍ଚ ଚିନ୍ତନ ତାଙ୍କ ଜୀବନାଦର୍ଶ । ମହାତ୍ମା ଗାନ୍ଧୀଙ୍କ କଥିତ ତିନି ମାଙ୍କଡ଼ ଉପାଖ୍ୟାନ ‘କୁକଥା ଶୁଣିବ ନାହିଁ, କୁକାର୍ଯ୍ୟ ଦେଖିବା ନାହିଁ, କୁକଥା କହିବା ନାହିଁ, ସଙ୍ଗରେ କୁକଥା ଚିନ୍ତନ କରିବା ନାହିଁ’ ବୋଲି ଡଃ ସଞ୍ଜୟ ଶତପଥୀ ଯୋଡ଼ି ଦେଇଥିଲେ ।

ସାହିତ୍ୟ କୃତି ପାଇଁ ଦିଲ୍ଲୀର ଏକ ଅନୁଷ୍ଠାନ ଦ୍ୱାରା ‘ହିନ୍ଦ୍ ରତନ୍’ ସମ୍ମାନରେ ସେ ସମ୍ମାନିତ ହୋଇଥିଲେ । ଅଧ୍ୟାପନା ଜୀବନରେ ଏନ୍.ସି.ସି. ଶିକ୍ଷା ପ୍ରଦାନ କରି କର୍ଣ୍ଣେଲ ଉପାଧିରେ ବିମଣ୍ଡିତ ହୋଇଥିଲେ । ଭିନ୍ନ ଭିନ୍ନ ପ୍ରସଙ୍ଗରେ ୨୬ଟି ଉପାଦେୟ ପୁସ୍ତକ ରଚନାକରି ପାଠକୀୟ ଆଦୃତି ଲାଭ କରିଥିଲେ । ଈଶ୍ୱରଙ୍କଠାରେ ତାଙ୍କର ବିଶ୍ୱାସ ଅନନ୍ୟ ଓ ଅଟଳ, ସେ ଶ୍ରୀ ଶ୍ରୀ ଶିରିଡ଼ି ସାଇ ବାବାଙ୍କ ଉପାସକ ଥିଲେ । ଜଗନ୍ନାଥ ସଂସ୍କୃତି ବର୍ଣ୍ଣନା କରିବାରେ ତାଙ୍କର ମୌଳିକତା ଅନ୍ୟମାନଙ୍କ ଠାରୁ ଭିନ୍ନ । ସମର୍ପିତ ଜୀବନର ଅପରାହ୍ଣରେ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସଫଳ କୁଳପତି ଭାବେ ଢେର୍ ପ୍ରଶଂସା ଅର୍ଜନ କରିପାରିଥିଲେ । ଉଚ୍ଚ ପଦବୀରେ ଆସୀନ ଥାଇ ବି ଗର୍ବ ଅହଂକାର ତାଙ୍କ ଛାୟାକୁ ବି ସ୍ପର୍ଶ କରିପାରି ନ ଥିଲା । ଏଭଳି ସମର୍ପିତ ଜୀବନ ଅନ୍ୟମାନଙ୍କ ଲାଗି ଅନୁକରଣୀୟ ।



ଶିକ୍ଷା କ୍ଷେତ୍ରରେ ଆହୁରି ଆଗକୁ ଯିବାପାଇଁ ତାଙ୍କର ସଂକଳ୍ପ ଓ ସମ୍ଭାବନା ଥିଲା । ଅକାଳରେ ଓ ଅପରିଣତ ବୟସରେ ତାଙ୍କର ବିୟୋଗ ସମସ୍ତ ସମ୍ଭାବନାର ଇତି ଆଣିଦେଲା । ତାଙ୍କ ପାର୍ଥିବ ଶରୀର ଅନ୍ତ ହେଲେ, ତାଙ୍କର ସାଧନାରତ ଜୀବନ ପାଇଁ ସେ ଆମ ସମସ୍ତଙ୍କୁ ସ୍ମୃତିରେ ସାଇତା ହୋଇ ରହିବେ । ସ୍ୱର୍ଗତ ଆତ୍ମାପ୍ରତି ସଶ୍ରଦ୍ଧ ସମ୍ମାନ ଓ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା ।

**ଅମର ପ୍ରସାଦ ଶତପଥୀ**
**ପୂର୍ବତନ ମନ୍ତ୍ରୀ, ଓଡ଼ିଶା**

ଭୁବନେଶ୍ୱର
୦୭ ଜାନୁଆରୀ
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ଭୁବନେଶ୍ୱର : ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ ରାଜଭବନ ଠାରେ ଓଡ଼ିଶାର ନୂତନ ରାଜ୍ୟପାଳ ଡ. ହରିବାବୁ କୁମ୍ଭମ୍ପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରୁପା ଶଙ୍ଖ ଦାନ କଲେ ଭକ୍ତ

**ପୁରୀ, ୬/୧ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରୁପା ଶଙ୍ଖ ଦାନ କଲେ ଭକ୍ତ । ୧ କେଜି ୬୧୯ଗ୍ରାମ୍‌ର ଓଜନର ପ୍ରାୟ ଅଢେଇ ଲକ୍ଷ ଟଙ୍କାର ରୁପା ଶଙ୍ଖକୁ ସମ୍ବଲପୁରରୁ ଆସିଥିବା ଭକ୍ତ ନଳିନୀ ପ୍ରଭା ଦାସ ଶ୍ରୀମନ୍ଦିର ପ୍ରଶାସନକୁ ଦାନ କରିଛନ୍ତି । ଦଇତାପତି ସେବାୟତଙ୍କ ଜରିଆରେ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଏହି ଶଙ୍ଖଟି ହସ୍ତାନ୍ତର କରାଯାଇଛି । ମନରେ ମାନସିକ ଥିଲା । ଆଉ ସେବେଠାରୁ କଟକରେ କୁଶଳୀ କାରିଗରଙ୍କ ଦ୍ୱାରା ଅତି ନିଖୁଣ କାରୁକାର୍ଯ୍ୟରେ ରୂପା ଶଙ୍ଖ ତିଆରି କରି ଶ୍ରୀ ଜଗନ୍ନାଥଙ୍କୁ ଦେବାକୁ ସ୍ଥିର କରିଥିଲେ । ଆଉ ସୋମବାର ସପରିବାର ଆସି ସେହି ଶଙ୍ଖ ଦାନ କରିଛନ୍ତି । ମହାପ୍ରଭୁ ସୁବର୍ଣ୍ଣ ବେଶରେ ଏହି ଶଙ୍ଖକୁ ଧାରଣ କରିଥିବାରୁ ସେହି ଉଦ୍ଦେଶ୍ୟରେ ଏହି ରୂପା ଶଙ୍ଖଟି ଦାନ କରିଛନ୍ତି । ତେଣୁ ମନରେ ଅନେକ ଖୁସି ରହିଛି । ମହାପ୍ରଭୁ କେବଳ ଗୋଟିଏ ଥର ସେହି ଶଙ୍ଖକୁ ଧାରଣ କରିଦେଲେ ଆତ୍ମା ତୃପ୍ତି ହୋଇଯିବ ବୋଲି କହିଛନ୍ତି ନଳିନୀ ପ୍ରଭା। ସେହିପରି ଓଡ଼ିଶାକୁ ଫେରିଛି ଶୀତ ଲହରୀ। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା କମିବା ସହ ଅଧିକ ଥଣ୍ଡା ଅନୁଭୂତ ହେଉଛି। ଶୀତ ସହ ବଢୁଛି କୁହୁଡିର ମାତ୍ରା। ସୋମବାର ସକାଳୁ ସକାଳୁ ଟୁଇନ୍ ସିଟି ଓ ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡି ଦେଖିବାକୁ ମିଳିଛି। ମୁହଁକୁ ମୁହଁ ଦିଶୁନି। ୫୦ ମିଟର ଦୂରରୁ ବି ରାସ୍ତାଘାଟ ଦେଖାଯାଉନି। ଏପରିକି ଶ୍ରୀମନ୍ଦିର ବି ଦୂରରୁ ଦୃଶ୍ୟମାନ ହୋଇନଥିବା ଜଣାପଡିଛି।



## ଦରବୃଦ୍ଧି ବିରୋଧରେ ରାଜଧାନୀରେ ବିଜେଡିର ବିଶାଳ ସମାବେଶ

# ରାଜ୍ୟରେ ଚାଲିଛି ମହଙ୍ଗା ମାଡ଼ ସରକାର : ନବୀନ

**ଭୁବନେଶ୍ୱର,୬/୧ ନ୍ୟୁଜ ବ୍ୟୁରୋ**

ସୋମବାର ଲୋୟର ପିଏମ୍‌ଜି ଠାରେ ଦରବୃଦ୍ଧି ବିରୁଦ୍ଧରେ ବିଜୁ ଜନତା ଦଳର ଡାକରାରେ ଏକ ବିଶାଳ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ବିରୋଧୀ ଦଳର ନେତା ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ବିଜେପି ସରକାର ଉପରେ ବର୍ଷିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ, ଜୁନ୍ ମାସରେ ବିଜେପି ସରକାର ଗଠନ ହେଲା। ସାତ ମାସ ହୋଇଗଲା କେବଳ ଲମ୍ବା ଲମ୍ବା ଭାଷଣ ଆମେ ଏବେ ଶୁଣୁଛୁ, କିନ୍ତୁ କାମ ଘର ଶୂନ । ଦରଦାମ ବଢ଼ି ବଢ଼ି ଚାଲିଛି କିନ୍ତୁ କିଛି ଆକ୍ସନ ନାହିଁ। ଏ ସରକାର ଲୋକଙ୍କ ସରକାର ବୋଲି ଦାବି କରୁଛି, କିନ୍ତୁ ଲୋକଙ୍କ ସୁଖ ଦୁଃଖ ସହ ଏ ସରକାରର ସମ୍ପର୍କ ଥିବାପରି ଜଣାପଡୁନାହିଁ। ଡାଲି, ତେଲ, ପରିବା କଥା କୁହନ୍ତୁ, ଗ୍ରୋସରୀ ଠାରୁ ଆରମ୍ଭ କରି ମେଡ଼ିସିନ ପର୍ଯ୍ୟନ୍ତ ସବୁ ଅତ୍ୟାବଶକୀୟ ଜିନିଷର ଦର ଏବେ ଆକାଶଛୁଆଁ। ମାର୍କେଟ ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ। ଆଇ ମା' କାହାଣୀ କହି ସରକାର ଖୁସି ହେଉଛନ୍ତି । ସାଧାରଣ ଲୋକଙ୍କ ପାଇଁ ବଞ୍ଚିବା କଷ୍ଟ ହୋଇଗଲାଣି। ଅଦିନିଆ ବର୍ଷା, ଫସଲ ହାନି, ପୁଣି ପ୍ରତିଦିନ ଚାଷୀ ଆତ୍ମହତ୍ୟା କରୁଛି, ବୋଝ ଉପରେ ଏହା ନଳିତାବିଡା ପରି ହୋଇଛି, କିନ୍ତୁ ନେତାଙ୍କ ସମୟ ନିଜ ପ୍ରଚାରରେ ବିତୁଛି। ମା'ମାନେ କାନ୍ଦୁଛନ୍ତି, ଚାଷୀ କାନ୍ଦୁଛନ୍ତି, କିନ୍ତୁ ଏ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ମିଛ କଥା କହି, ମିଛ ପ୍ରତିଶ୍ରୁତି ଦେଇ, ବିଜେଡି ଠାରୁ କମ୍ ଭୋଟ ପାଇ ଏ ସରକାର କ୍ଷମତାକୁ ଆସିଛି, ଡବଲ ଇଂଜିନ ଡବଲ ମାଡ଼। ଏପଟେ ଦରବୃଦ୍ଧି ମାଡ, ସେପଟେ ଜିଏସ୍‌ଟି ମାଡ଼, ସବୁ ଜିନିଷରେ ଜିଏସ୍‌ଟି, ଗରିବ ଲୋକ ବେଶୀ ଜିଏସଟି ଦେଉଛନ୍ତି। ବିଜେପି ସରକାର ଟ୍ରେଲରରେ ଗୋଲାପୀ ଚିତ୍ର ଦେଖାଇଲେ, କିନ୍ତୁ ଫିଲ୍ମ ରିଲିଜ ହେଲା ଏମ୍‌ଏମ୍ ସରକାର, ମହଙ୍ଗା ମାଡ ସରକାର। ସାଢେ ଚାରି କୋଟି ଓଡ଼ିଆଙ୍କ ପ୍ରତିବାଦ ହିଁ ସରକାରଙ୍କ ଅସଲ ଚେହେରା ଖୋଲିଦେବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଭୁବନେଶ୍ୱର ସଲଗ୍ନ ଜିଲ୍ଲାମାନଙ୍କରୁ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଏହି ବିକ୍ଷୋଭ ସମାବେଶରେ ଯୋଗ ଦେଇଥିଲେ। ଲୋୟର ପିଏମ୍‌ଜି ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଦଳଗତ ଭାବେ ବିଭିନ୍ନ ଦିଗରୁ ବିଜେପି ସରକାରଙ୍କ ବିରୋଧରେ ପ୍ଲାକାର୍ଡ ଧରି ଓ ବିଭିନ୍ନ ସ୍ଲୋଗାନ ଦେଇ କର୍ମୀମାନେ ସଭାସ୍ଥଳରେ ପହଞ୍ଚିଥିଲେ। ବିଜେଡି ସମନ୍ୱୟ କମିଟିର ଅଧକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ସମସ୍ତ ବରିଷ୍ଠ ନେତାମାନେ ଯଥା ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରମିଳା ମଲ୍ଲିକ, ପ୍ରତାପ ଦେବ, ପ୍ରତାପ ଜେନା, ଡ. ଅରୁଣ ସାହୁ, ସୁଦାମ ମାରାଣ୍ଡି, ସଞ୍ଜୟ ଦାସବର୍ମା, ଧ୍ରୁବ ସାହୁ, ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ, ଅମରେଶ ପତ୍ରି, ବଦ୍ରି ପାତ୍ର, ଅମର ପଟ୍ଟନାୟକ, ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ବିଭୂତି ବଳବନ୍ତରାୟ, ସୁଲୋଚନା ଦାସ, ଦେବେଶ ଆଚାର୍ଯ୍ୟ, ପ୍ରଶାନ୍ତ ବେହେରା, ପ୍ରଦୀପ ସାହୁ, ଦେବାଶିଷ ସାମନ୍ତରାୟ, ନିରଞ୍ଜନ ପୂଜାରୀ, ଗଣେଶ୍ୱର ବେହେରା, ଡଃ ପ୍ରିୟବ୍ରତ ମାଝୀ, ଡଃ ଲେନିନ୍ ମହାନ୍ତି, କଳିକେଶ ସିଂହଦେଓ, ବ୍ୟୋମକେଶ ରାୟ, ନବକିଶୋର ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ଗୌତମବୁଦ୍ଧ ଦାସ, ଅଶୋକ ପଣ୍ଡା, ପ୍ରଫୁଲ୍ଲ ସାମଲ, ପ୍ରଦୀପ ଅମାତ, ମୁନ୍ନା ଖାନ, ଡଃ ସସ୍ମିତ ପାତ୍ର, ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି, ପଦୀପ ମାଝୀ, ରମେଶ ମାଝୀ, ମାନସ ମାଡକାମୀ, ଅଶ୍ୱିନୀ ପାତ୍ର, ପ୍ରୀତିରଞ୍ଜନ ଘଡ଼ାଇ, ସାରଦା ଜେନା, ପ୍ରଶାନ୍ତ ମୁଦୁଲି, ସୁନୀଲ ମହାନ୍ତି, ରମାକାନ୍ତ ଭୋଇ, ରୁଦ୍ର ମହାରଥୀ, ବିକ୍ରମ ପଣ୍ଡା, ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସାରଦା ନାୟକ, ସୁଧୀର କୁମାର ସାମଲ, ସଞ୍ଜୀବ ମଲ୍ଲିକ, ସୌଭିକ ବିଶ୍ୱାଳ, ତୁଷାରକାନ୍ତି ବେହେରା, ରମେଶ ବେହେରା, ସମ୍ବିତ ରାଉତରାୟ, ଭୃଗୁ ବକ୍ସିପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ଶର୍ମିଷ୍ଠା ସେଠୀ, ଲୋପାମୁଦ୍ରା ବକ୍ସିପାତ୍ର, ସୁବ୍ରତ ଛାଟୋଇ ଓ ଦଳର ସମସ୍ତ ବିଧାୟକମାନେ ଉପସ୍ଥିତ ଥିଲେ।



# ୨୧ ଦିନରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୫ଥର ହେଲାଣି ନୀତି ବିଭ୍ରାଟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପ୍ରାୟତଃ ପ୍ରତିଦିନ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ବିଭ୍ରାଟ ହେଉଛି । ଗତ ମଙ୍ଗଳବାର ଜଣେ ଅଣସେବାୟତ ଆଡକାଠ ଡେଇଁ ପଶି ଯିବାରୁ ବେଶ୍ ମାରା ହୋଇଥିଲା । ପୁଣି ଶୁକ୍ରବାର ସକାଳେ ବେଶ ଓ ରୋଷ ହୋମ ପାଇଁ ସେବାୟତମାନେ ପ୍ରସ୍ତୁତି ଚଳାଇଥିବା ବେଳେ ଜଣେ ପୁଲିସ ଆଡକାଠ ଦେଇ ପଶିଯିବା କାରଣରୁ ଠାକୁରଙ୍କ ନୀତି ବିଘ୍ନ ହୋଇଥିଲା । ପୁଣି ଗତ ଶନିବାର ମହାସୁଆରଙ୍କ ଭୋଗ ପ୍ରସ୍ତୁତିରେ ବିଳମ୍ବ ହେବାରୁ ସମସ୍ତ ନୀତି ଘଣ୍ଟାଏରୁ ଅଧିକ ବିଳମ୍ବ ହୋଇଛି । ଏମିତି ଦେଖିଲେ ପୌଷ ମାସର ୨୧ ଦିନରେ ୫ଥର ଦିଅଁଙ୍କ ପୂଜା ନୀତିରେ ବିଭ୍ରାଟ ହେଲାଣି। ନୀତିକାନ୍ତିରେ ବାରମ୍ବାର ବିଭ୍ରାଟ ହେଉ ଥିବାରୁ ମହାପ୍ରଭୁ ଖୁସି ନଥିବା କିଛି ଶ୍ରଦ୍ଧାଳୁ କହିଛନ୍ତି । ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି ଯେ, ଚଳିତ ବର୍ଷ ଠାକୁର ଶୀତ ବସ୍ତ୍ର ପରିଧାନ କରି ନାହାନ୍ତି । ଠାକୁରଙ୍କ ଓଢଣ ଷଷ୍ଠୀ ନୀତି ହୋଇ ପାରିଲା ନାହିଁ । ତେଣୁ ଏ ଭଳି ଘଟୁଛି। ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି ଯେ, ଶୁକ୍ରବାର ପୁଲିସ ବାବୁଙ୍କ ଅଜାଣତରୁ ଏପରି ଘଟିଛି । ଅନନ୍ତ ବାସୁଦେବ ମନ୍ଦିରରେ ସଫେଇ କାର୍ଯ୍ୟ ଜାରି ରହି ଥିବାରୁ ସେଠାରେ ଭୋଗ ପ୍ରସ୍ତୁତି ବନ୍ଦ ରହିଛି । ସେହି ଅତିରିକ୍ତ ଭୋଗ ଏବେ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରୁ ପ୍ରସ୍ତୁତ କରାଯାଇଛି । ଫଳରେ ବିଳମ୍ବ ଘଟିଛି । କିନ୍ତୁ ସବୁ ଦିନର ବାସ୍ତବ ସମସ୍ୟା ହେଉଛି କର୍ମଚାରୀ ଅଭାବ । ଏବେ ପର୍ଯ୍ୟଟନ ଋତୁରେ ଭିଡ ହେବାଟା ସ୍ୱାଭାବିକ। ଟିକେ ନଜର ଏପଟ ସେପଟ ହେବା କ୍ଷଣି ଲୋକ ସବୁଠି ଧସେଇ ପଶି ଆସୁଛନ୍ତି । ତେଣୁ ଅଧିକ ମାନବ ସମ୍ବଳର ବ୍ୟବସ୍ଥା କରାଗଲେ ସମସ୍ୟା ଟଳି ଯାଆନ୍ତା ।

## ପ୍ରବାସୀ ଭାରତୀୟ ହେବେ ଚିଲିକା ବିହଙ୍ଗ ଉତ୍ସବର ବ୍ରାଣ୍ଡ ଆମ୍ବାସଡର

**ଭୁବନେଶ୍ୱର, ୬/୧ ନ୍ୟୁଜ ବ୍ୟୁରୋ**

ବିଦେଶାଗତ ପକ୍ଷୀଙ୍କ ପାଇଁ ହେବ ବାର୍ଡ ମ୍ୟୁଜିୟମ୍ । ସୋମବାର ଚିଲିକା ବିହଙ୍ଗ ମହୋତ୍ସବ ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଚିଲିକା, ବରକୂଳ କିମ୍ବା ନଳବଣ କେଉଁ ସ୍ଥାନରେ ହେବ, ସେନେଇ ବିଭାଗ ବିଚାର କରୁଛି । ଏଥିପାଇଁ ଚିଲିକା ଡେଭଲପମେଣ୍ଟ ଅଥରିଟି ବା ସିଡିଏ ସହ ପର୍ଯ୍ୟଟନ ବିଭାଗ ମିଶି ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଛନ୍ତି । ପ୍ରବାସୀ ଭାରତୀୟ ସମ୍ମିଳନୀରେ ବିଭିନ୍ନ ଦେଶରୁ ଅନେକ ଅତିଥି ଓଡ଼ିଶା ଆସୁଛନ୍ତି । ସେହି ପ୍ରବାସୀ ଭାରତୀୟଙ୍କୁ ଚିରଶୋଭାମୟୀ ଚିଲିକାର ସୌନ୍ଦର୍ଯ୍ୟ ଦେଖିବାର ସୁଯୋଗ ମିଳିବ । ପ୍ରତିବର୍ଷ ଡିସେମ୍ବରରୁ ଫେବୃୟାରୀ ଏହି ତିନି ମାସ ଭିତରେ ଲକ୍ଷ ଲକ୍ଷ ପକ୍ଷୀ ଋଷିଆ, ସାଇବେରିଆ, ମଙ୍ଗୋଲିଆ ଭଳି ଦେଶରୁ ଚିଲିକାକୁ ଆସିଥାନ୍ତି । ଚିଲିକା ଓ ଏହା ସହ ଜଡ଼ିତ ପକ୍ଷୀ, ଡ଼ଲଫିନ ଏବଂ ପର୍ଯ୍ୟଟନ ପ୍ରଚାର କରିବା ପାଇଁ ଏହି ଚିଲିକା ବିହଙ୍ଗ ମହୋତ୍ସବ ପାଳନ କରାଯାଉଛି। ପ୍ରବାସୀ ଭାରତୀୟ ଦିବସକୁ ନଜରରେ ରଖି ଉଦ୍‌ଘାଟିତ ହୋଇଛି ୫ମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ। ଆସନ୍ତା ୮ରୁ ୧୦ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରବାସୀ ଭାରତୀୟ ସମ୍ମିଳନୀରେ ଓଡ଼ିଶା ଆସିବାକୁ ଥିବା ଅତିଥି ଚିଲିକା ବୁଲିବା ସହ ବିଦେଶାଗତ ପକ୍ଷୀ ଦେଖି ପର୍ଯ୍ୟଟନର ମଜା ନେଇପାରିବେ। ଏଥିପାଇଁ ଜଙ୍ଗଲ ବିଭାଗ ଓ ପର୍ଯ୍ୟଟନ ବିଭାଗ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଭଳି ହେବା ଦ୍ୱାରା ବିଶ୍ୱରେ ଚିଲିକାର ବହୁଳ ପ୍ରଚାରପ୍ରସାର ହୋଇପାରିବ। ଚିଲିକାରେ ମୋଟ ୧୫୦ ପ୍ରଜାତିର ପକ୍ଷୀ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ୫ମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବର ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାର ପ୍ରାକୃତିକ ବୈଭବ ତଥା ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକା ଏବଂ ଅତିଥି ପକ୍ଷୀମାନଙ୍କର ସୁରକ୍ଷା ପାଇଁ ଜନ ଜାଗରଣ ସୃଷ୍ଟି କରିବା ହେଉଛି ୫ମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବର ଉଦ୍ଦେଶ୍ୟ। ଜାନୁଆରୀ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ଦୀର୍ଘ ଏକ ସପ୍ତାହ ଧରି ଚିଲିକା, ମଙ୍ଗଳାଯୋଡି ଓ ନନ୍ଦନକାନନରେ ଚାଲିବ ଏହି ଉତ୍ସବ । ୬ରୁ ୮ ତାରିଖ ମଧ୍ୟରେ ପଞ୍ଜିକରଣ କରିଥିବା ପ୍ରତିଯୋଗୀ ମଙ୍ଗଳାଯୋଡି ଓ ନଳବଣରେ ପକ୍ଷୀମାନଙ୍କ ଫଟୋଗ୍ରାଫି କରିବାର ସୁଯୋଗ ପାଇବେ। ସେହିପରି ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଫରେଷ୍ଟ ପାର୍କ, ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର ଓ ଆନନ୍ଦବନ ଠାରେ ପକ୍ଷୀ ନିରୀକ୍ଷଣ ପଦଯାତ୍ରା ଅନୁଷ୍ଠିତ ହେବ । ୧୦ ରୁ ୧୧ ତାରିଖ ଯାଏ ବରକୂଳଠାରେ ୱାର୍ଡ କନକ୍ଲେଭ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।

## ଧନୁଯାତ୍ରା ପାଇଁ ଶିକ୍ଷାନୁଷ୍ଠାନ ସମୟରେ ପରିବର୍ତ୍ତନ

**ବରଗଡ଼,୦୬/୦୧ ନ୍ୟୁଜ ବ୍ୟୁରୋ**

ଧନୁଯାତ୍ରା ପାଇଁ ବରଗଡ଼ ସହରର ସମସ୍ତ ଶିକ୍ଷାନୁଷ୍ଠାନ ସମୟରେ ପରିବର୍ତ୍ତନ କରାଯାଇଛି । ସ୍କୁଲ୍ ଏବଂ କଲେଜରେ ସକାଳ ୮ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଠପଢା ଚାଲିବ । ଧନୁଯାତ୍ରା ସରିବା ପରେ ପୂର୍ବ ନିର୍ଦ୍ଧାରିତ ସମୟରେ ପାଠପଢା ଚାଲିବ । ଏନେଇ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ୨୭ ଜଣଙ୍କୁ ମିଳିବ ପ୍ରବାସୀ ଭାରତୀୟ ସମ୍ମାନ

**ଭୁବନେଶ୍ୱର,୦୬/୦୧ ନ୍ୟୁଜ ବ୍ୟୁରୋ**

ଦେଶ ବା ବିଦେଶରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରବାସୀଙ୍କୁ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯିବ । ମୋଟ ୨୭ ଜଣଙ୍କୁ ଏହି ସମ୍ମାନ ଦିଆଯିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୧୦ ତାରିଖରେ ପ୍ରବାସୀ ଭାରତୀୟ ଦିବସ ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ । ଏହି ପୁରସ୍କାର ପ୍ରଦାନ ପାଇଁ ଯୋଗ୍ୟ ପ୍ରବାସୀ ବା ପ୍ରବାସୀଙ୍କ ଦ୍ୱାରା ପରିଚାଳିତ ସଂସ୍ଥା ଚୟନ ନିମନ୍ତେ ଉପରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ଏକ ବିଚାରକମଣ୍ଡଳୀ ଗଢ଼ାଯାଇଥିଲା । ବୈଦେଶିକ ମନ୍ତ୍ରୀ ଏହି କମିଟିର ଉପାଧକ୍ଷ ଥିଲେ। ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତି ଏହି କମିଟିର ସଦସ୍ୟ ଥିଲେ। ମୋଟ ୨୭ ଜଣଙ୍କୁ ପୁରସ୍କାର ଦେବାକୁ ନାମ ଚୂଡ଼ାନ୍ତ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ୱେବସାଇଟ୍‌ରେ କୃତୀ ବ୍ୟକ୍ତିଙ୍କ ତାଲିକା ଅପଲୋଡ୍ ହୋଇଛି । ଆମେରିକାରେ ରହୁଥିବା ୩ ଜଣ ପ୍ରବାସୀଙ୍କୁ ଏହି ପୁରସ୍କାର ମିଳିବ । ବାଣିଜ୍ୟ (ଆଇଟି ଓ କନ୍‌ସଲଟିଙ୍ଗ) କ୍ଷେତ୍ର ପାଇଁ ରବିକୁମାର ଏସ୍‌ଙ୍କୁ ପ୍ରବାସୀ ଭାରତୀୟ ସମ୍ମାନ ଦିଆଯିବ । ସାମାଜିକ ସେବା (କମ୍ୟୁନିଟି ସର୍ଭିସ୍) ପାଇଁ ଡ. ଶର୍ମିଳା ଫୋର୍ଡ ଓ ମେଡିସିନ୍ କ୍ଷେତ୍ର ପାଇଁ ଡା. ଶରଦ ଲଖନପାଲଙ୍କୁ ଏହି ପୁରସ୍କାର ମିଳିବ । ରୁଷିଆରେ ରହୁଥିବା ସୁଧୀର ରଞ୍ଜନ ଗୁପ୍ତାଙ୍କୁ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଏହି ପୁରସ୍କାର ଦିଆଯିବ । ସାମାଜିକ ସେବା ପାଇଁ ହିନ୍ଦୁସ୍ତାନୀ ସମାଜକୁ ପୁରସ୍କାର ମିଳିବ । ଅଷ୍ଟ୍ରେଲିଆରେ ରହୁଥିବା ପ୍ରବାସୀ ପ୍ରଫେସର ଅଜୟ ରାଣେଙ୍କୁ ସାମାଜିକ ସେବା ପାଇଁ ଓ ଶିକ୍ଷା କ୍ଷେତ୍ରରେ ଡା. ମାରିଆଲେନା ଜୋଆନ ଫର୍ଣ୍ଣାଣ୍ଡିସ୍ ଏହି ପୁରସ୍କାର ପାଇବେ । ମେଡିକାଲ ସାଇନ୍ସ ବା ଚିକିତ୍ସା ବିଜ୍ଞାନ ପାଇଁ ବାରବାଡୋସ୍‌ରେ ରହୁଥିବା ପ୍ରବାସୀ ଡା. ଫିଲୋମେନା ଆନ୍ ମୋହିନୀ ହାରିସ୍‌ଙ୍କୁ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯିବ । ସାମାଜିକ ସେବା ପାଇଁ ଫିଜିରେ ରହୁଥିବା ସ୍ୱାମୀ ସଂଯୁକ୍ତାନନ୍ଦ ଓ ଗୁଏନାର ସରସ୍ୱତୀ ବିଦ୍ୟା ନିକେତନକୁ ପୁରସ୍କୃତ କରାଯିବ । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ପାଇଁ ଜାପାନର ଡ. ଲେଖ୍‌ରାଜ ଜୁନେଜା, କିର୍ଗିଜ୍ ଗଣରାଜ୍ୟରେ ରହୁଥିବା ପ୍ରବାସୀ ଡା. ପ୍ରେମ କୁମାରଙ୍କୁ ଚିକିତ୍ସା ବିଜ୍ଞାନରେ ସଫଳତା ପାଇଁ, ବାଣିଜ୍ୟ କ୍ଷେତ୍ରରେ ସଫଳତା ପାଇଁ ଲାଓସ୍‌ରେ ରହୁଥିବା ସୌକ୍ତଭ୍ୟ ଚୌଧୁରୀ, ମାଲାବୀର ପ୍ରବାସୀ ଭାରତୀୟ କ୍ରିଷ୍ଣା ଶାଭଜାନୀଙ୍କୁ ଏହି ପୁରସ୍କାର ମିଳିବ । ମ୍ୟାଲେସିଆର ପ୍ରବାସୀ ଭାରତୀୟ ଡା. ସୁବ୍ରମଣ୍ୟମ୍ କେଭି ସଦାଶିବମ୍‌ଙ୍କୁ ରାଜନୀତି କ୍ଷେତ୍ର ପାଇଁ ପୁରସ୍କୃତ କରାଯିବ । ସାମାଜିକ ସେବା ପାଇଁ ମରିସସ୍‌ରେ ରହୁଥିବା ଡା. ସରିତା ବୁଧୁ ଓ ମାଲ୍‌ଡୋଭାରେ ରହୁଥିବା ଡା. ଅଭୟ କୁମାରଙ୍କୁ ବାଣିଜ୍ୟ କ୍ଷେତ୍ର ପାଇଁ ପୁରସ୍କାର ମିଳିବ। ମିଆଁମାରରେ ରହୁଥିବା ଡା. ରାମ ନିବାସ ହିଆତୁନ୍‌ଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ପାଇଁ ପୁରସ୍କୃତ କରାଯିବ । ରୋମାନିଆରେ ରହୁଥିବା ଜଗନ୍ନାଥ ଶେଖର ଆସ୍ତାନାଙ୍କୁ ବାଣିଜ୍ୟ ପାଇଁ ଓ ସାଉଦି ଆରବରେ ରହୁଥିବା ଡା. ସଇଦ ଅନୱର ଖୁର୍ସିଦଙ୍କୁ ଚିକିତ୍ସା ବିଜ୍ଞାନ ପାଇଁ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯିବ । ସିଙ୍ଗାପୁରରେ ରହୁଥିବା ଅତୁଲ ଅରବିନ୍ଦ ତେମୁରନିକରଙ୍କୁ ଶିକ୍ଷା ପାଇଁ, ସ୍ପେନରେ ରହୁଥିବା ରବର୍ଟ ମାଶୀ ନାହରଙ୍କୁ ସାମାଜିକ ସେବା ପାଇଁ, ତାଞ୍ଜାନିଆରେ ଥିବା ଡା. କୌଶିକ ଲକ୍ଷ୍ମୀଦାସ ରମୟାଙ୍କୁ ମେଡିସିନ୍ ପାଇଁ, ତ୍ରିନିଦାଦ ଓ ଟୋବେଗୋରେ ଥିବା ଏଚ୍‌ଇ କ୍ରିଷ୍ଟିନେ କାର୍ଲୋ କଙ୍ଗାଲୋ ଅର୍ଟଙ୍କୁ ସାଧାରଣ ବ୍ୟାପାର ପାଇଁ, ୟୁଏଇରେ ଥିବା ରାମକ୍ରିଷ୍ଣନ ଶିବସ୍ୱାମୀ ଆୟରଙ୍କୁ ବାଣିଜ୍ୟ କ୍ଷେତ୍ର ପାଇଁ, ଉଗାଣ୍ଡାରେ ଥିବା ବନଥାଲା ସୁବ୍ବୟହା ସେଟ୍ଟୀ ରମେଶ ବାବୁଙ୍କୁ ସାମାଜିକ ସେବା ପାଇଁ ଓ ଲଣ୍ଡନରେ ରହୁଥିବା ବାରୋନେସ୍ ଉଷା କୁମାରୀ ପ୍ରସାରଙ୍କୁ ରାଜନୀତିରେ ସଫଳତା ପାଇଁ ପ୍ରବାସୀ ଭାରତୀୟ ସମ୍ମାନ ଦିଆଯିବ । ସୂଚନାଯୋଗ୍ୟ ଯେ, ଶେଷ ଥର ପାଇଁ ୨୦୨୧ରେ ମାଳଦ୍ୱୀପରେ ରହୁଥିବା ପ୍ରବାସୀ ଓଡ଼ିଆ ସଲିଲ୍ ପାଣିଗ୍ରାହୀଙ୍କୁ ଏହି ପ୍ରତିଷ୍ଠିତ ପୁରସ୍କାର ମିଳିଥିଲା । ଏହା ଫିଲ୍ମ ଶିଳ୍ପରେ ଉତ୍କର୍ଷ ହାସଲ କରିଥିବାରୁ ତାଙ୍କୁ ଏହି ପୁରସ୍କାର ଦିଆଯାଇଥିଲା ।

